ମୂଲ୍ୟ: ₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାଙ୍ଗନ

ଜାନୁୟାରୀ ୨୩-ଫେବୃୟାରୀ ୫, ୨୦୧୯

**ସୃଜନ-ଆଳାପ :** ଶାନ୍ତନୁ କୁମାର ଆଚାର୍ଯ୍ୟ

**ପ୍ରଥମ ବହି :** ସଂଘମିତ୍ରା ରଥ

**ପହିଲି ପୁଲକ :** ରଞ୍ଜନ କୁମାର ଜେନା

**ବିଶେଷ ଗଳ୍ପ :** କବିତା ବାରିକ









# ଅନ୍ୱେଷିତା

**ସଂଘମିତ୍ରା ରଥଙ୍କ ଜନ୍ମ ୧୯୭୯ରେ। ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଗଣିତରେ ସ୍ନାତକୋତ୍ତର, କିନ୍ତୁ କବିତା ରଚନାରେ ସକ୍ରିୟ ଛାତ୍ରାବସ୍ଥାରୁ। ଆଗଧାଡ଼ିର ଓଡ଼ିଆ ପତ୍ରିକାରେ କବିତା ପ୍ରକାଶିତ ଓ ପ୍ରଶଂସିତ। ଅବକାଶ ଦେଖି ଗଳ୍ପ ବି ଲେଖନ୍ତି। ତାଙ୍କର ପ୍ରଥମ କବିତା ସଂକଳନ 'ଅନ୍ୱେଷିତା' ୨୦୧୭ରେ 'ଟାଇମ୍‌ପାସ୍' ଦ୍ୱାରା ପ୍ରକାଶିତ ଓ 'ପ୍ରଥମା ପୁରସ୍କାର'ରେ ପୁରସ୍କୃତ।**



ସଂଘମିତ୍ରା ରଥ




ମନ ଅଧିକରୁ ଅଧିକ ଖୁସି ଗୋଟେଇ ଚାଲିଥିଲା, ଯେବେ ମୁଁ ମୋ' କବିତାର ପ୍ରଶଂସା ଅଚିହ୍ନା ପାଠକଙ୍କ ପାଖରୁ ପାଉଥିଲି। ସେତକ ପାଥେୟ କରି ଗଢ଼ି ଚାଲିଲି ଶବ୍ଦର ଦୁନିଆ ମନର ସବୁତକ ଆବେଗକୁ ଅଜାଡ଼ି। ସତ କହିବାକୁ ଗଲେ ନାରୀ ଜୀବନ ତଥା ପ୍ରେମର ସୂକ୍ଷ୍ମ ଅନୁଭବରେ ମୁଁ ଯେତିକି ଭିଜିପାରେ, ଆଉ କେଉଁଠି ସେତିକି ପାରେନା। ସେଥିପାଇଁ ମୋର ଅଧିକାଂଶ କବିତା ପ୍ରେମ ଆଉ ନାରୀକୁ ନେଇ।

ଏମିତି କିଛି କବିତା ଏକ ଝୁଙ୍କ୍‌ରେ ପଠେଇ ଦେଇଥିଲି 'ଟାଇମ୍‌ପାସ୍' ପ୍ରକାଶନୀର ଏକ ବିରଳ ପ୍ରତିଯୋଗିତା 'ପ୍ରଥମା'କୁ। ଆଉ ପ୍ରଥମଥର ଯେତେବେଳେ 'ଟାଇମ୍‌ପାସ୍' ପ୍ରକାଶକ ସରୋଜ ବଳଙ୍କ ପାଖରୁ ଫୋନ୍ ପାଇଲିଯେ ମୋ' କବିତା ସଂକଳନ 'ଅନ୍ୱେଷିତା' ଯୋଗ୍ୟ ବିବେଚିତ ହୋଇଛି ଏବଂ ସେମାନେ ତାକୁ ବହି କରିବାର ନିଷ୍ପତ୍ତି ନେଇଛନ୍ତି, ଏହା ଶୁଣି ଖୁସିରେ ମୋ' ମନ ନାଚି ଉଠିଲା।




'ଅନ୍ୱେଷିତା।' ପ୍ରକାଶିତ ହେଲା ୨୦୧୭ 'ରାଜଧାନୀ ପୁସ୍ତକମେଳା'ରେ। ସୁଦୂରରୁ ଏକା ଯାଇଥିଲି। ପ୍ରଥମ ବହିର ପହିଲି ରୋମାଞ୍ଚ ଯେ...! ଅନ୍ୱେଷିତା ପଢ଼ି ଅନେକ ପାଠକ ମୋତେ ଫୋନ୍ କରିଛନ୍ତି। ବେଶୀ ନ ହେଲେ ବି ଯେଉଁ ଅଳ୍ପ କିଛି ମତାମତ ପାଇଛି ସେଇ ମତାମତ ମତେ ହାତ ଧରି ବାଟ କଢ଼େଇ ନେଉଛି ନୂତନ ପରିମାର୍ଜିତ ସୃଷ୍ଟିର ଆଲୋକିତ ରାସ୍ତାରେ। ସେ ରାସ୍ତାରେ ଚାଲିବାରେ କ୍ଳାନ୍ତି ନାହିଁ, ଅଛି କେବଳ ରୋମାଞ୍ଚ ଆଉ ମୁଠାମୁଠା ଆବେଗ।

ସାହିତ୍ୟ ଆଉ କ'ଣ କି? ମୋ' କ୍ଷୁଦ୍ର ବିଚାରରେ ଅନ୍ୱେଷଣ ହିଁ ହେଉଛି ସାହିତ୍ୟରେ ଜଣେ ଲେଖକର ପ୍ରତିବଦ୍ଧ ଯାତ୍ରା। ଏହି ପ୍ରତିବଦ୍ଧତା ସହ ମିଶିଥାଏ ଜୀବନର ଆବେଗ ଓ ସମୟର ସ୍ପନ୍ଦନ। ଏ ସବୁ ମୋ' ଲେଖାରେ କେତେ ଅଛି ତାହା ମୁଁ ଜାଣେନା, କିନ୍ତୁ ମୋର ପ୍ରଥମବହି 'ଅନ୍ୱେଷିତା'ରୁ ଯେଉଁ ଯାତ୍ରା ମୋର ଆରମ୍ଭ ହୋଇଛି, ସେ ଯାତ୍ରା ଯେ ଖୋଜିବାର ଏକ ନିରଳସ ଯାତ୍ରା –ଏ ବିଶ୍ୱାସ ମୋର ରହିଛି।

# ଭାଷା ପ୍ରସଙ୍ଗରେ ଗଗନେନ୍ଦ୍ରଙ୍କ ପରାମର୍ଶ ଖୁବ୍ ମୂଲ୍ୟବାନ୍...




ମହାଶୟ,

✲ ୨୬ ଡିସେମ୍ବର ୨୦୧୮ରୁ ୮ ଜାନୁୟାରୀ ୨୦୧୯ 'ସାହିତ୍ୟାୟନ' ପୃଷ୍ଠାରେ ପ୍ରକାଶିତ କବୟିତ୍ରୀ ମୌସୁମୀ ପରିଡ଼ାଙ୍କ 'ପ୍ରଥମ ବହି' ଶୀର୍ଷକରେ 'ସମର୍ପିତା' ପାଠ କରି ଖୁସି ହେଲି, ହେଲେ ତାଙ୍କର ଖେଦୋକ୍ତି 'ଏବେ ଲେଖକ ପାଠକ ଓ ସମୀକ୍ଷକ' କହିଲେ ପ୍ରକାରାନ୍ତରେ ଏହା ଅନେକ କଥା ବଖାଣ କରୁଛି। 'ସଂଘର୍ଷ', 'ଭାଙ୍ଗି ଯାଇଥିବା କାଚ ଟୁକୁଡ଼ା ମୁଁ', 'ମୋ ଇଚ୍ଛା', 'ଚିଲିକାରେ ଶୀତ' କବିତା ଯେ ଯାହାର ସର୍ଜନାରେ ଉତ୍ତମ। 'ସୃଜନ–ଆଳାପ'ରେ ପ୍ରକାଶିତ 'ଲିପିର ମାନକୀକରଣ ନ ହେଲେ ଓଡ଼ିଆ ଭାଷା ପତିଆରା ହରାଇବ'– ବାର୍ତ୍ତାଳାପ ଜରିଆରେ ବରିଷ୍ଠ ଭାଷାବିତ୍ ପ୍ରଫେସର ଗଗନେନ୍ଦ୍ରନାଥ ଦାଶଙ୍କ ପରାମର୍ଶ ମୂଲ୍ୟବାନ୍। ରାଧାଶ୍ୟାମ ରାଉଳଙ୍କ ବ୍ୟଙ୍ଗଗଳ୍ପ 'ଚାରି ଖୁରାକୁ ଜୁହାର' ସୁଖପାଠ୍ୟ। ଡ. ଭବାନୀ ଶଙ୍କର ଦାଶଙ୍କ ଗଳ୍ପ 'ରାସ୍ତାରେ ଏକା ଏକା' ଚମତ୍କାର ଲାଗିଲା। ୨୦୧୮ ସାଲତମାମି ବିବରଣୀରେ 'ସାହିତ୍ୟାୟନ' ବିଭିନ୍ନ ସଂସ୍କରଣର ପ୍ରଥମ ପୃଷ୍ଠାର ଚିତ୍ରରାଜି, ୨୦୧୮ର ଚର୍ଚ୍ଚିତ ବ୍ୟକ୍ତିତ୍ୱଙ୍କ କଥା ଏବଂ ନୂଆବର୍ଷର ଅଭିନନ୍ଦନ ନିମନ୍ତେ ଧନ୍ୟବାଦ। 'ପହିଲି ପୁଲକ'ରେ କବି ରାଧାନାଥ ରଥଙ୍କ ପୁଲକିତ ଅନୁଭୂତି ପଢ଼ିଲି। ତାଙ୍କର ବହିଟିଏ ପ୍ରକାଶ କରି ନ ଥିବାର ଅବସୋସ ଅବଶ୍ୟ ମେଣ୍ଟିବ। 'ପୁସ୍ତକ ପରିଚୟ'ରୁ ପ୍ରକାଶିତ ନୂତନ ପୁସ୍ତକ ସମ୍ବନ୍ଧରେ ଜାଣିହେଲା।

*– ଶ୍ରୀରାମଚନ୍ଦ୍ର ଦାଶ(ମଳୟ), ବିଦ୍ୟାଧରପୁର, ଗୁଆଲିଗୋରଡ଼ା, ଗବକୁଣ୍ଡ, ପୁରୀ*

✲ 'ସାହିତ୍ୟାୟନ'ର କବିତାଗୁଡ଼ିକ ସୁନିର୍ବାଚିତ। ସେଥିପାଇଁ ସମ୍ପାଦନାମଣ୍ଡଳୀକୁ ଧନ୍ୟବାଦ। 'ସାହିତ୍ୟାୟନ'ର ଅନ୍ୟ ବିଭାଗଗୁଡ଼ିକ ମଧ୍ୟ ରୁଚିପୂର୍ଣ୍ଣ। ଅନ୍ୟ ଖବରକାଗଜର ସାହିତ୍ୟ ବିଭାଗଠାରୁ 'ସାହିତ୍ୟାୟନ'ର ରୁଚି ବାରି ହୋଇ ପଡୁଛି। ତା'ଛଡ଼ା ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଲେଖକମାନଙ୍କୁ ବାଛି ଏଥିରେ ସ୍ଥାନିତ କରାଯାଉଥିବାରୁ ଏହା ସାରା ଓଡ଼ିଶାର ପ୍ରକାଶ ସୁଯୋଗ ପାଉ ନ ଥିବା ପ୍ରତିଭାବାନ୍ ଲେଖକମାନଙ୍କ ପାଇଁ ଉତ୍ସାହଜନକ ହେଉଛି।

*– ପୁରୁଷୋତ୍ତମ ମହାପାତ୍ର, ବାଣପୁର, ଖୋର୍ଦ୍ଧା*

✲ ଡିସେମ୍ବର ୨୬ – ଜାନୁୟାରୀ ୮ 'ସାହିତ୍ୟାୟନ' ପାଇଲି। ମୋର ମତାମତ ଏଥର ପ୍ରକାଶ ପାଇନି। ସାହିତ୍ୟକୃତି ପ୍ରକାଶ ପାଇବା ତ ଦୂରର କଥା, ଏଥର 'ସାହିତ୍ୟାୟନ'ରେ ସମସ୍ତ ଲେଖା ଅପେକ୍ଷା ଭବାନୀ ଶଙ୍କର ଦାଶଙ୍କ ଲେଖା 'ରାସ୍ତାରେ ଅସହାୟା ନାରୀ ରୀମା' ଏକା ଏକା। ଗପଟି ପଢ଼ି ମୋର ଆଖି ଅଶ୍ରୁରେ ପରିପୂର୍ଣ୍ଣ ହୋଇଗଲା। ଗପଟି ଭବାନୀ ବାବୁଙ୍କର ବାସ୍ତବ ଲେଖା କି କାଳ୍ପନିକ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେଲା। ଅସହାୟା ରୀମା ପୁଅଟିକୁ ବଞ୍ଚାଇବା ପାଇଁ ଘୋର ସଂଗ୍ରାମ କରିବା ଏବଂ ଶେଷରେ ଆଶାର ପ୍ରଦୀପ ପୁଅଟିକୁ ହରାଇବା ଅତ୍ୟନ୍ତ ମର୍ମନ୍ତୁଦ ଏବଂ ହୃଦୟବିଦାରକ। ରୀମାକୁ ସାହାଯ୍ୟ କରିଥିବା ଅଟୋବାଲାର ମୃତ୍ୟୁ ବି ଦୁଃଖଦାୟକ। ଗଳ୍ପଟି ସବୁ ପାଠକଙ୍କ ଆଖିରେ ଅଶ୍ରୁ ଭରିଦେବ। ରାଧାଶ୍ୟାମ ବାବୁଙ୍କ ଲେଖା ଶିକ୍ଷଣୀୟ। 'ଚିଲିକାରେ ଶୀତ' କବିତାରେ କବିତ୍ୱ ଚାତୁରୀ ରହିଛି।

*– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ*

✲ ଏକ ପକ୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ 'ସାହିତ୍ୟାୟନ' ୨୬ ଡିସେମ୍ବର – ୮ ଜାନୁୟାରୀ ଆମର ହସ୍ତଗତ ହେଲା। 'ସୃଜନ–ଆଳାପ' ସ୍ତମ୍ଭରୁ ଓଡ଼ିଶାର ପ୍ରଥିତଯଶା ପ୍ରାବନ୍ଧିକ ପ୍ରଫେସର ଗଗନେନ୍ଦ୍ରନାଥ ଦାଶଙ୍କ ସାକ୍ଷାତ୍‌କାର ଖୁବ୍ ଚିନ୍ତା ଉଦ୍ରେକକାରୀ ଓ 'ଜ୍ଞାନଗର୍ଭୀ'। ଆମ ଓଡ଼ିଆ ଭାଷାର ଲିପିକୁ ଯଦି ମାନକୀକରଣ କରା ନ ଯାଏ, ତେବେ ଓଡ଼ିଆ ଭାଷା ଦିନେ ନିଜର ସତ୍ତା ହରାଇବ– ଏହା ନିରାଟ ସତ୍ୟ। ଆଜିକାଲିର ତଥାକଥିତ ଓଡ଼ିଆ ଭାଷାର ଗବେଷକ ଏ କ୍ଷେତ୍ରରେ ଯତ୍ନବାନ୍ ହେବା ନିହାତି ଜରୁରୀ।

'ବ୍ୟଙ୍ଗଗଳ୍ପ' ଶୀତ ସନ୍ଧ୍ୟାରେ ମନରେ କୁତୁକୁତୁ ଭରିଦେଲା। ଗଳ୍ପ 'ରାସ୍ତାରେ ଏକା ଏକା' ନିଚ୍ଛକ ସତ ଘଟଣା ପରି ମନେହେଲା। ହଂସନାଥ ମୁଦୁଲିଙ୍କ କବିତା ଭଲ ଲାଗିଲା। ସତ କହିବାକୁ ଗଲେ 'ସାହିତ୍ୟାୟନ'ର ପ୍ରତିଟି ସଂଖ୍ୟା ଓଡ଼ିଆ ସାହିତ୍ୟପ୍ରେମୀଙ୍କ ପାଇଁ ସଂଗ୍ରହ କରି ରଖିବା ଭଳି।

*– ଅରୁଣ କୁମାର ନାୟକ ଓ ମାନସ ଜେନା, ଏରେଇଁ, ଚରମ୍ପା, ଭଦ୍ରକ*

**ଲେଖା ପଠାଇବାର ଠିକଣା**

ସମ୍ପାଦକ ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# ଗୂଢ଼ ଦର୍ଶନ ଓ ରହସ୍ୟ ହିଁ ଉଚ୍ଚକୋଟୀର ଉପନ୍ୟାସର ଆତ୍ମା

## ସୃଜନ-ଆଳାପ



ଶାନ୍ତନୁ କୁମାର ଆଚାର୍ଯ୍ୟ

**ଶାନ୍ତନୁ କୁମାର ଆଚାର୍ଯ୍ୟ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ଓ ଉପନ୍ୟାସ ସାହିତ୍ୟରେ ଜଣେ ଯୁଗାନ୍ତକାରୀ ସ୍ରଷ୍ଟା। ଗତାନୁଗତିକ କାହାଣୀଧର୍ମୀ କଥାସାହିତ୍ୟ ତାଙ୍କ ଲେଖନୀର ଉଦ୍ଦାମ ଉଦ୍ୟମରେ ବାଟ ଭାଙ୍ଗି ଚେତନାଶ୍ରୟୀ ହୋଇଛି। ଓଡ଼ିଆ ଗଳ୍ପ ଓ ଉପନ୍ୟାସରେ ସେ ଏକ ନୂଆ ଭାଷାର ନିର୍ମାତା। 'ନରକିନ୍ନର', 'ଶତାବ୍ଦୀର ନଚିକେତା', 'ଶକୁନ୍ତଳା' ଓ 'ମନ୍ତ୍ରୀଙ୍କ ସେୟାର୍' ଭଳି କ୍ଲାସିକ୍ ଉପନ୍ୟାସର ସେ କ୍ରାନ୍ତିକାରୀ ସ୍ରଷ୍ଟା। 'ସୃଜନ-ଆଳାପ'ରେ ଏଥର ନିଜ ସୃଷ୍ଟି, ଅନ୍ୟର ଉତ୍କୃଷ୍ଟ ସୃଷ୍ଟି ଓ ଅନୁବାଦର ଅଭିସନ୍ଧି ସମ୍ପର୍କରେ ସେ ମୁକ୍ତବାକ୍...**

❑ **କଥା ସାହିତ୍ୟ ଚିତ୍ତବିନୋଦନର ସାମଗ୍ରୀ ନୁହେଁ, ଏହା ଏକ ଗମ୍ଭୀର କଳା- ଏ ସମ୍ପର୍କରେ ଆପଣଙ୍କ ମତ କ'ଣ?**

➭ କଥା ସାହିତ୍ୟ ଯଦି ଚିତ୍ତବିନୋଦନର ସାମଗ୍ରୀ ହୋଇଥାନ୍ତା, ତା'ହେଲେ ଲୋକେ କଥାସାହିତ୍ୟ ପଢ଼ିବାରେ ସମସ୍ତ ସମୟ ବିତାନ୍ତେ। ସେମାନେ ସିନେମା, ଟିଭି ଦେଖନ୍ତେ କାହିଁକି? ଉଚ୍ଚ ଶିକ୍ଷିତମାନେ ଇଂରେଜୀ ବହି/ଉପନ୍ୟାସ ପଢ଼ନ୍ତି ବହୁ ସଂଖ୍ୟାରେ। କାରଣ ସେମାନଙ୍କ ମତରେ ଓଡ଼ିଆରେ ପ୍ରାଚୀନ କବିମାନଙ୍କ ଦ୍ୱାରା ସୃଷ୍ଟ କାବ୍ୟକବିତା ଓ ଧର୍ମସାହିତ୍ୟ ବ୍ୟତୀତ ଆଉ କିଛି ପଠନୀୟ ବିଷୟ ନାହିଁ। ଉଚ୍ଚାଙ୍ଗ କଥା ସାହିତ୍ୟ କେବଳ ଏ ଧାରଣାକୁ ବଦଳାଇ ପାରିବ।

❑ **ଆପଣଙ୍କ ଉପନ୍ୟାସ ଅନେକ ସମୟରେ ଗୂଢ଼ ଦର୍ଶନ ଓ ଏକ ରହସ୍ୟଘେରା ପରିମଣ୍ଡଳ ଦ୍ୱାରା ଭାରାକ୍ରାନ୍ତ। ସେ ପାଇଁ ସାଧାରଣ ପାଠକଙ୍କୁ ତାହା ସହଜରେ ଛୁଇଁପାରେ ନାହିଁ। ଏପରି ଅଭିଯୋଗ ବିଷୟରେ ଆପଣ କ'ଣ କହିବେ?**

➭ ଭାରାକ୍ରାନ୍ତ ନା ଦୃଢ଼ୀଭୂତ? ଆପଣଙ୍କ ବିଚାରରେ ଯାହା ଭାରାକ୍ରାନ୍ତ, ତାହା ହିଁ ଉପନ୍ୟାସର ସୃଷ୍ଟିତତ୍ତ୍ୱ। ଗୂଢ଼ ଦର୍ଶନ ଓ ରହସ୍ୟ ହିଁ ଉଚ୍ଚକୋଟୀର ଉପନ୍ୟାସର ଆତ୍ମା। ଉପନ୍ୟାସ ସାଧାରଣ ପାଠକଙ୍କ ପାଇଁ ଲେଖା ହୁଏନା। କୌଣସି ନୂତନ ଉପଲବ୍ଧି ଉପରେ ପର୍ଯ୍ୟବସିତ ଚିନ୍ତାଧାରାକୁ ପ୍ରଥମେ ଏକ ନୂଆ ଦର୍ଶନ ମାଧ୍ୟମରେ ଉପସ୍ଥାପନ କରାଯାଏ। ଯେପରି ବୈଦିକ ଯୁଗରେ ଋଷିମାନେ ଆରଣ୍ୟକ ପରିବେଶରେ ପ୍ରକୃତି ଓ ପୁରୁଷର ଲୀଳା ରୂପ ଅନୁଭବ କଲାପରେ ସୂକ୍ତ ରଚନା କରୁଥିଲେ ଏବଂ ତହିଁରୁ ନୂଆ ଦର୍ଶନ ସୃଷ୍ଟି ହୋଇପାରିଥିଲା, ଯେପରି ବିଜ୍ଞାନରେ ନୂଆ ଏକ୍ସପେରିମେଣ୍ଟରୁ ହାଇପଥେସିସ୍ ଓ ଥିଓରି ସୃଷ୍ଟି ହୋଇଥାଏ, ସେହିପରି ଉପନ୍ୟାସ ମାଧ୍ୟମରେ ଲେଖକ ନୂଆ ଚିନ୍ତାଧାରା ଉପସ୍ଥାପନା କରେ, ଯାହା ସମୟକ୍ରମେ ଦର୍ଶନରେ ପରିଣତ ହୁଏ। ଏହି ପ୍ରକ୍ରିୟାରୁ ସମସ୍ତ ଆଧୁନିକ ଦର୍ଶନ ସୃଷ୍ଟି ହୋଇଛି। ପ୍ରଥମ ବିଶ୍ୱଯୁଦ୍ଧ ପରେ ଅସ୍ତିତ୍ୱବାଦୀ ଦର୍ଶନର ସୃଷ୍ଟି ହୋଇଥିଲା କାଫ୍‌କା, କାମ୍ୟୁଙ୍କ ପରି ଚିନ୍ତାଶୀଳ ଲେଖକଙ୍କ ଗଳ୍ପ, ଉପନ୍ୟାସରୁ। ଭୁଲିଯିବା ଉଚିତ ନୁହେଁଯେ ଭାରତରେ ଉପନ୍ୟାସର ଆଦର୍ଶ ହେଉଛି ରାମାୟଣ, ମହାଭାରତ ଓ ଭାଗବତ ଇତ୍ୟାଦି ଧର୍ମଗ୍ରନ୍ଥ। ଏସବୁ ଗ୍ରନ୍ଥ ଧର୍ମଗ୍ରନ୍ଥ ନାମରେ ଏତେ କାଳ ଧରି କାହିଁକି ଅପରିମିତ ଲୋକପ୍ରିୟତା ଅର୍ଜନ କରିଛି? ଧର୍ମ ଏବଂ ବିଶ୍ୱଚେତନାର ଜୀବନ୍ତ ଉତ୍ସହିଁ ସାହିତ୍ୟ। ଦର୍ଶନ ଏବଂ ରହସ୍ୟବାଦର ଧାରା ଏହି ଉତ୍ସରୁ ନିର୍ଗତ ହୁଏ। ପୁଣି ଋଷି ଦୃଷ୍ଟିରେ ଦିଶୁଥିବା ସତ୍ୟକୁ ଭାଷାରେ ପ୍ରକଟ କରୁଥିବା କଳାର ଅନ୍ୟନାମ ହେଉଛି ସାହିତ୍ୟରେ ରହସ୍ୟବାଦ (mysticism)। ଆଧୁନିକ ଯୁଗରେ ସାହିତ୍ୟ ଉଚ୍ଚ ଶିକ୍ଷିତ ବର୍ଗ, ବିଶେଷତଃ ବିଜ୍ଞାନ ଓ ବୈଷୟିକ ଶିକ୍ଷାପ୍ରାପ୍ତ ବର୍ଗର ଲୋକମାନଙ୍କ ପାଇଁ ଅପାଂକ୍ତେୟ ହୋଇ ପଡ଼ିବାର ମୂଳ କାରଣ ହେଉଛି ପାଠକ ସେଥିରୁ କୌଣସି ନୂଆ ତତ୍ତ୍ୱ ବା ଉପଲବ୍ଧିର ରସ ଆସ୍ୱାଦନ ପାଇଁ ଉପାଦାନ ପାଉନାହିଁ। ସାହିତ୍ୟର ନବରସ ମଧ୍ୟରେ ଅଦ୍ଭୁତ ରସ ହେଉଛି ଅନ୍ୟତମ ଶ୍ରେଷ୍ଠ ବିଭବ। ଏ ବିଭବବିହୀନ ଉପନ୍ୟାସ ପାଠକର ସ୍ୱପ୍ନକୁ ଜାଗ୍ରତ କରିବାକୁ ଅସମର୍ଥ। ତେଣୁ ଆଜିର ପାଠକ ବରଂ ଉଚ୍ଚକୋଟୀର ଡିଟେକ୍ଟିଭ୍ ବା କ୍ରାଇମ୍ ଉପନ୍ୟାସ ପଢ଼ିବାକୁ ବା ସାଇନ୍ସ ଫିକସନ୍ ପଢ଼ିବାକୁ ବା ଇଣ୍ଟରନେଟ୍‌ରେ ଷ୍ଟାରଓ୍ୱାର୍ ପିକ୍‌ଚର ଦେଖିବାକୁ ପସନ୍ଦ କରେ, କିନ୍ତୁ କଳ୍ପନାବିହୀନ ବର୍ଣ୍ଣନାବାହୁଲ୍ୟ ତୁଚ୍ଛା ଖବରକାଗଜିଆ କଥାକୁ ଉପନ୍ୟାସ ନାମରେ ପଢ଼ିବାକୁ ଉତ୍ସାହିତ ହୁଏ ନାହିଁ। ଉଲ୍ଲେଖନୀୟଯେ ସାଧାରଣ ପାଠକ ବୋଲି ଯାହାକୁ ମନେକରାଯାଏ, ସେ କିନ୍ତୁ ନିଜକୁ ଅସାଧାରଣ ମନେକରେ। ତାକୁ ସାମାଜିକ ନ୍ୟାୟ ନାମରେ ଲଲିପପ୍ ଦେଇ ଗଣତନ୍ତ୍ରରେ ଭଣ୍ଡେଇ ଦିଅନ୍ତି ନେତାମାନେ। ଯଦି ସାହିତ୍ୟିକମାନେ ମଧ ସେଇ ପନ୍ଥା ଅନୁସରଣ କରିବେ, ତେବେ ସେପରି ସାହିତ୍ୟିକ ନ ରହିଲେ ମଧ୍ୟ ମାନବ ଜାତିର କୌଣସି କ୍ଷତି ହେବାର ଆଶଙ୍କା ନାହିଁ। ଏହା ମୋର ଆଜୀବନ ସାହିତ୍ୟ ସାଧନାରୁ ପ୍ରାପ୍ତ ଉପଲବ୍ଧି।

❑ **ଓଡ଼ିଆ କ୍ଷୁଦ୍ରଗଳ୍ପର ଉତ୍କର୍ଷ ତୁଳନାରେ ଓଡ଼ିଆ ଉପନ୍ୟାସର ଅଭିବ୍ୟକ୍ତି ନୈରାଶ୍ୟଜନକ ହେବାର କାରଣ କ'ଣ?**

➭ ନୈରାଶ୍ୟର କାରଣ ଉପନ୍ୟାସର ବିଷୟବସ୍ତୁ ଯେଉଁ ଅଭିନବତ୍ୱ ଦାବି କରେ ଏବଂ ତାହା ପ୍ରତିପାଦନ କରିବା ପାଇଁ ଯେଉଁ ମାନର ଚିନ୍ତାଶକ୍ତି ଆବଶ୍ୟକ, ତାହା ଓଡ଼ିଆ ଭାଷାରେ ଲେଖୁଥିବା ଅଧିକାଂଶ ଲେଖିକା/ଲେଖକମାନଙ୍କ ନିକଟରେ ଅନୁପଲବ୍ଧ। ସେଥିପାଇଁ ଚିନ୍ତା ଉଦ୍ରେକକାରୀ ଉପନ୍ୟାସଗୁଡ଼ିକୁ ସାଧାରଣ ପାଠକ ବୁଝିପାରିବେ ନାହିଁ ଆଳରେ ଶସ୍ତା ମନୋରଞ୍ଜକ ଉପନ୍ୟାସ ଲେଖାଯାଏ। ପୁଣି ଏସବୁ ବହୁ ବିକ୍ରି ହେଉଛି ଦାବି କରି ଗମ୍ଭୀର କ୍ଲାସିକ୍ ଚିନ୍ତାମୂଳକ ଉପନ୍ୟାସକୁ ଉପହାସ କରାଯାଏ। ଏହା ହିଁ ନୈରାଶ୍ୟର ମୂଳ କାରଣ।

❑ **ବର୍ତ୍ତମାନର ଓଡ଼ିଆ ଗଳ୍ପ ସର୍ବଭାରତୀୟ ବା ଆନ୍ତର୍ଜାତିକ ସ୍ତରରେ ପ୍ରତିନିଧିତ୍ୱର କ୍ଷମତା ରଖୁଛି କି? ଯଦି ହଁ, କିଛି ଓଡ଼ିଆ ଗଳ୍ପର ଉଦାହରଣ ଦେବେ କି? ଯଦି ନା, ତେବେ ଏହାର କାରଣ କ'ଣ ହୋଇପାରେ?**

➭ ଓଡ଼ିଆ ଗଳ୍ପ ଆନ୍ତର୍ଜାତିକ ସ୍ତରର ହେଉଛି କି ନା ତାହା କେହି କହିପାରିବେ ନାହିଁ। କାରଣ ଆନ୍ତର୍ଜାତିକ ମାନ ନିର୍ଦ୍ଧାରଣ ପାଇଁ ସାହିତ୍ୟର କୌଣସି ମାନଦଣ୍ଡ ନ ଥାଏ। ପ୍ରତି ଦେଶର ସାହିତ୍ୟ ତା' ନିଜ ଇତିହାସ ଏବଂ ସାମାଜିକ, ସାଂସ୍କୃତିକ ରୁଚି ବିଚାରରେ ବିଚାର୍ଯ୍ୟ ହୁଏ। ଉଦାହରଣ ସ୍ୱରୂପ ରବୀନ୍ଦ୍ରନାଥଙ୍କ କବିତାକୁ ନୋବେଲ ପୁରସ୍କାର ମିଳିଲେ ମଧ ତାହାକୁ କେଉଁ ମାନଦଣ୍ଡରେ ବିଚାର କରାଯାଇଥିଲା, ତା'ର କୌଣସି ରେକର୍ଡ ନାହିଁ। ପୁଣି ତାଙ୍କ କବିତାକୁ କେଉଁ ବିଦେଶୀ କବିଙ୍କ କୃତି ସହିତ ତୁଳନା କରାଯାଇ ନ ଥିଲା। କଳା ସାହିତ୍ୟ କାଳୋତୀର୍ଣ୍ଣ ହୁଏ କେଉଁ ଗୁଣ ଯୋଗୁଁ ତାହା କେହି ଜାଣେନା। କିନ୍ତୁ ପ୍ରତ୍ୟେକ ଉଚ୍ଚକୋଟୀର କୃତି କାଳୋତୀର୍ଣ୍ଣ ହୋଇଥାଏ ଆପଣାର ଅନ୍ତର୍ନିହିତ ଗୁଣରେ। କାହାରି ସୁପାରିସରେ ବା ଜାତିଆଣ ଆଭିଜାତ୍ୟ ବିଚାରରେ ସାହିତ୍ୟର ଉତ୍କର୍ଷ ବିଚାର କରାଯାଇ ପାରେନା।

❑ **ଅନ୍ତର୍ଜାତୀୟ ସ୍ତରର ଉଚ୍ଚକୋଟୀର ଇଂଲିଶ୍ ଅନୁବାଦ ଅଭାବରୁ ଆମ କଥା ସାହିତ୍ୟର ଶ୍ରେଷ୍ଠତା ବିଶ୍ୱବିଦିତ ହୋଇପାରୁନି ବୋଲି ମନେହୁଏ। ଆପଣ ଏଥିରେ ଏକମତ କି?**

➭ ଆଞ୍ଚଳିକ ଭାଷାରେ ଲିଖିତ ମୂଲ୍ୟବାନ୍ ପୁସ୍ତକଗୁଡ଼ିକ ଇଂରାଜୀ ସମେତ ଅନ୍ୟାନ୍ୟ ଆଞ୍ଚଳିକ ଭାଷାକୁ ଅନୂଦିତ ହେବା ଦରକାର। କିନ୍ତୁ ଓଡ଼ିଶାରେ ଏ ବିଚାର ପଛରେ ସଦିଚ୍ଛା ଅପେକ୍ଷା ଚତୁରତା ଅଧିକ ମାତ୍ରାରେ ସକ୍ରିୟ। ଏହି ଚତୁରତାର ଉଦ୍ଦେଶ୍ୟ ମନ୍ଦକବିମାନଙ୍କ ଯଶ ଲାଳସା। ନିଜ ଉଦ୍ୟମରେ ନିଜ ବହିକୁ ଇଂରାଜୀ ଅନୁବାଦ କରାଇ, ସେମାନେ ତାକୁ ହିଁ ଆନ୍ତର୍ଜାତିକ ଲେଖକର ସମ୍ମାନ ହାସଲ ପାଇଁ ପ୍ରଦର୍ଶିତ କରାନ୍ତି ଏବଂ ବହୁମାତ୍ରାରେ ସଫଳ ମଧ ହୁଅନ୍ତି ସର୍ବଭାରତୀୟ ସ୍ତରର ସମ୍ମାନ ଓ ପୁରସ୍କାର ଅର୍ଜନରେ।

*- ପ୍ରଶ୍ନ ଓ ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ*

---

## ଲଘୁ ଗଳ୍ପ

# ସେଇ କାକରଭିଜା ଗେଣ୍ଡାଟି

**ସୁନୀଲ ଘୋଷ**

ଏବେ ଭୋରବେଳଟା ବେଶ୍ ଭଲ ଲାଗୁଛି। ଫାଙ୍କା ରାସ୍ତା। ରାସ୍ତା କଡ଼ରେ କାକରଭିଜା ଘାସ ଆଉ ବୁଢ଼ିଆଣୀ ଜାଲ। ବୁଢ଼ିଆଣୀ ଯେମିତି ତା' ଜାଲକୁ ସଜେଇ ଦଉଛି କାକର ଠୋପାରେ। ଦେଖିଲେ ମନେହେଉଛି, ବୁଢ଼ିଆଣୀ ବୋଧେ ମର୍ନିଂଓ୍ୱାକ୍‌ରେ ବାହାରିଥିବା ଲୋକଗୁଡ଼ାଙ୍କୁ ତାରକସିର ଫୁଲ ସବୁ ଭେଟିଦେବା ପାଇଁ ଯୋଜନା କରିଛି।

ଏବେ କିଛି ଦିନ ହେଲା ମର୍ନିଂଓ୍ୱାକ୍ ସାଙ୍ଗରେ ଆମର ଆଉ ଗୋଟେ କାମ ବି ଚାଲିଛି। ସେଇଟା ହେଲା ଭଡ଼ାଘର ଖୋଜା। ଏମିତି ବୁଲୁବୁଲୁ ହୁଏତ କେତେବେଳେ ଟୁ-ଲେଟ୍ ବୋର୍ଡ଼ଟିଏ ଆଖିରେ ପଡ଼ିଯାଇପାରେ। କିନ୍ତୁ ଏ ସହରରେ ଦି'ବଖୁରିଆ ଛୋଟ ଘରଟେ ପାଇବା ବେକାର ଯୁବକର ଚାକିରି ପାଇବାଠୁ ବି ଆହୁରି କଷ୍ଟକର ବ୍ୟାପାର।

ସେଦିନ ଏମିତି ବୁଲୁବୁଲୁ ହଠାତ୍ ଆଖିରେ ପଡ଼ିଲା ବଡ଼ ଗେଣ୍ଡାଟିଏ। ଚାଲିଛି ବିଚ୍ ରାସ୍ତାରେ। ସେ ବି ବୋଧେ ବାହାରିଛି ମର୍ନିଂଓ୍ୱାକ୍‌ରେ। କ୍ୟାପିଟାଲ୍‌ରେ ରହି ସେ ବି ବାବୁ ବନିଗଲାଣି। ସେ ତା'ର ଲମ୍ବା ବେକଟାକୁ ଟେକି ମାୟାମୃଗ ଭଳି ଚାହୁଁଥାଏ ଚାରିଆଡ଼କୁ। ମନେ ହେଉଥାଏ ସେ ଯେମିତି ଆଖି ପୂରେଇ ଦେଖୁଛି ଏ କ୍ୟାପିଟାଲ୍‌କୁ। ଭାବୁଛି, କେତେ ବଦଳି ଗଲାଣି ଏ ସହର। ଚାରିଆଡ଼େ ଘର ଆଉ ଘର। ତଥାପି ଥୋଡ଼େ ଗଡୁଛନ୍ତି ଫୁଥ୍‌ପାଥ୍‌ରେ। ମୁଣ୍ଡ ଉପରେ ଚାଳଟିଏ ବି ନାହିଁ, ଅଛି ଖାଲି ଖଣ୍ଡେ ଆକାଶ। ମନେମନେ ବୋଧେ ସେ ନିଜକୁ ଭାଗ୍ୟବାନ୍ ମଣୁଥିଲା। ଯା'ହେଉ ଭଗବାନ୍ ଆମକୁ ମଣିଷ ଜନ୍ମଦେଇ ନାହାନ୍ତି ସିନା, କିନ୍ତୁ ଘରଟିଏ ଦେଇ ଛାଡ଼ିଛନ୍ତି ମର୍ତ୍ତ୍ୟକୁ। ପୁଣି ଏମିତି ସେମିତି ଘର ନୁହେଁ, ମୋବାଇଲ୍ ଘର। ଆଜି ଏଠି ହେଲାନି ତ କାଲି ଘରଦ୍ୱାର ସହିତ ସେଠିକି ଚାଲ। ମଣିଷମାନଙ୍କ ଏ ଘରଗୁଡ଼ାକୁ କ'ଣ ସୂତାଏ ଘୁଞ୍ଚେଇ ହେବ?

ହଠାତ୍ ଥିଲାଥିଲା ଗେଣ୍ଡାଟି ତା' ବେକଟାକୁ ଆସ୍ତେଆସ୍ତେ ନୁଆଁଇ ନେଇଗଲା ତା' ଘର ଭିତରକୁ। ମନେହେଲା ସେ ବୋଧେ ଭଗବାନ୍‌ଙ୍କୁ କୃତଜ୍ଞତା ଜଣାଇଲା ତା' ଘର ପାଇଁ।

ମୁଁ ଗେଣ୍ଡାଟିର ଆଉ ଟିକେ ପାଖକୁ ଗଲି। ଦେଖିଲି ଘରଟା ତା'ର କାକର ଠୋପାରେ ପୂରା ଓଦା ହୋଇଯାଇଛି। କାକରଭିଜା ତା' ଚିତ୍ରିତ ଚାଳକୁ ଦେଖି ମୁଁ ଭାବୁଥିଲି, ଭଗବାନ୍ ଗେଣ୍ଡାଟି ଭଳି ଆମକୁ ବି କାହିଁକି ଘରଟିଏ ଦେଇ ଛାଡ଼ିଲେନି ପୃଥିବୀକୁ?





## ବିଶେଷ ଗଳ୍ପ

# ରାଜନୀତିର ପରିଭାଷା

**• କବିତା ବାରିକ**

ରାଜନୀତିର ଧାର୍ ଧାରୁ ନ ଥିବା ବା ରାଜନୀତି କ'ଣ ବୋଲି ଆଦୌ ଜାଣୁ ନ ଥିବା ଲୋକେ ବି ଆଜିକାଲି ରାଜନୀତି କଲେଣି। ରାଜନୀତିର ପ୍ରସଙ୍ଗ ଯେମିତି ଭିନ୍ନଭିନ୍ନ, ରୂପ ମଧ୍ୟ ଅଲଗା ଅଲଗା। ହେଲେ ବଞ୍ଚିଥିଲାବେଳେ ସିନା ମଣିଷ ରାଜନୀତି କରେ, ଶରୀରରୁ ଜୀବନ ଚାଲିଗଲା ପରେ ଶବକୁ ନେଇଯେ ଜିଅନ୍ତା ମଣିଷ ଅଦ୍ଭୁତ ରାଜନୀତି କରେ, ଭାବି ମୁଁ ଯେତିକି ଆଶ୍ଚର୍ଯ୍ୟ ହେଲି ସେତିକି ନିରାଶା ମଧ୍ୟ। ଏମିତି ତ ରାଜନୀତି ପ୍ରତି ଲୋକେ କ୍ରମଶଃ ଆଶା, ବିଶ୍ୱାସ ହରାଇ ବସୁଛନ୍ତି, ତହିଁରେ ଶବ ଯଦି ରାଜନୀତିର ପଶାପାଲି ମଇଦାନରେ ଗଡ଼େ, ତେବେ ଲୋକେ ତାକୁ ନେଇ ଦାହ କରିବେ ନା ଆମର ଦାବି, ଆମର ଦାବି କହି ପୋକମାଛିଙ୍କୁ ଆମନ୍ତ୍ରଣ କରିବେ ?

ଏ ପର୍ଯ୍ୟନ୍ତ ସେଠୁ ଶବ ଉଠି ନ ଥିଲା କି କାନ୍ଦଣାର ସ୍ୱର କମି ନ ଥିଲା। ପର୍ଶୁ ଏମିତି ଏକ କାଣ୍ଡ କରିବସିବ, କେହି ବିଶ୍ୱାସ କରୁ ନ ଥିଲେ। ତା' ସ୍ତ୍ରୀ ମୁଣ୍ଡ କଚାଡ଼ି କଚାଡ଼ି କାନ୍ଦୁଥିଲା। ମୋ' ସଂସାର ଭାସିଗଲା, ବୁଡ଼ିଗଲା ବୋଲି ରଡ଼ି ଛାଡୁଥିଲା। ଦିଓଟି ପୁଅଝିଅ। ଜଣକୁ ସାତବର୍ଷ ଆଉ ଜଣକୁ ପାଞ୍ଚବର୍ଷ। ସେମାନେ କିଛି ବୁଝି ନ ପାରି ଜୁଲୁଜୁଲୁ ହେଇ ଅନାଇ ରହିଥିଲେ। ଥରେଥରେ ନିଘୋଡ଼ ନିଦରେ ଶୋଇପଡ଼ିଥିବା ବାଆକୁ ଅନାଉଥିଲେ ତ ଆଉ ଥରେ ବାଡ଼େଇ କଚାଡ଼ି ହେଉଥିବା ମାଆକୁ। ପରିବେଶ ଅସମ୍ଭବ ଭାବରେ ଗମ୍ଭୀର ଥିଲା। ଦୃଶ୍ୟ ବି ଥିଲା କରୁଣ। ଗାଁଟା ସାରା ଲୋକେ ଆସ୍ତେଆସ୍ତେ ଓଜାଡ଼ି ହୋଇ ପଡୁଥିଲେ। ସେ ପର୍ଯ୍ୟନ୍ତ ଚାଲିଥିଲା ହୋ ହଲ୍ଲା, ଯୁକ୍ତିତର୍କ, ବାଦବିବାଦ ଆଉ କେତେ କ'ଣ ଉଡ଼ା କଥା। ଭଙ୍ଗା ଚୁଲି ଉପରେ ଚେପା ସିଲଭର ଡେକ୍‌ଚିଟା ବସିଥିଲା ଢାଙ୍କୁଣୀରେ ଢଙ୍କାହୋଇ। ସେଠି ପଖାଳ ଥିଲା କି ଖାଲି ଡେକ୍‌ଚି, ଜାଣିବାର ଉପାୟ ନ ଥିଲା। ଘରଟାକୁ ବିକଟ ଦାରିଦ୍ର୍ୟ ଆଁ କରି କେବେଠୁ ଗିଳି ସାରିଥିଲା। ଫଟା ମାଟି କାନ୍ଥ, ନୁଆଁଣିଆ ପାଣି ଝରୁଥିବା ଚାଳଛପର। ଠାଏଁଠାଏଁ ଉଇ ଆଉ ପିମ୍ପୁଡ଼ିଙ୍କ ରାଜତ୍ୱ। ତା' ସହିତ ପିଲାଙ୍କ ମଇଳା ଦଦରା ପ୍ୟାଣ୍ଟ୍‌ଶାର୍ଟ। ପିଲା ଦୁହିଁଙ୍କର ଛାତିର ପଞ୍ଜରା ଗଣି ହୋଇ ଯାଉଥିଲା। ପର୍ଶୁର ସ୍ତ୍ରୀ ହାତରେ କେଇପଟ ପାଣିକାଚ ବ୍ୟତୀତ ବେକ, କାନ ଥିଲା ଫୁଙ୍ଗୁଳା। କେଉଁଦିନରୁ କାହାରି ମଥାରେ ତେଲ ଟୋପାଏ ବାଜି ନ ଥିଲା। ଗଲା ରାତିରେ ସେମାନେ ଖାଇଥିଲେ କି ନାହିଁ କେଜାଣି।

କେତେବେଳେ ପର୍ଶୁ ଏଭଳି ଏକ ପଦକ୍ଷେପ ନେଲା ସେ କଥା କେହି କହି ପାରୁ ନ ଥିଲେ। ହସଖୁସିର ମଣିଷଟା ଭିତରେଯେ ଆତ୍ମହତ୍ୟା ଭଳି ଏକ ଇଚ୍ଛା ଦାନା ବାନ୍ଧୁଥିଲା ଘରଲୋକେ କି ପଡ଼ିଶା, ବନ୍ଧୁବାନ୍ଧବ କେହି ସୁରାକ ପାଇ ନ ଥିଲେ। ଏଭଳି କାଣ୍ଡଟେ କରିବା ଆଗରୁ ସେ ନିଶ୍ଚେ ଅନେକ ଚିନ୍ତା କରିଥିବ। ଭାବି ବି ଥିବ ପିଲାଛୁଆ ସ୍ତ୍ରୀ କଥା। ପୁଣି ବି ଚିନ୍ତା କରିଥିବ ତା' ପିଲାଛୁଆ, ସ୍ତ୍ରୀ ସହ ବୋଝ ଉପରେ ନଳିତା ବିଡ଼ା ଭଳି କରଜ ଓ ସୁଧ କଥା। ଉପାୟହୀନ ହୋଇଯାଇଥିବ ପର୍ଶୁ। ଦଶଦିଗ ଅନ୍ଧାର ଦିଶିଥିବ। ଏଠୁ ମୁକୁଳିବାର କୌଣସି ରାସ୍ତା ପାଇ ନ ଥିବ। ବାରମ୍ବାର ନିରାଶ ହୋଇ ଋଣଦାତାଙ୍କଠାରୁ ଫେରିଥିବ। ଖାଲି ଫେରି ନ ଥିବ, ଧମକ ଚମକ ବି ପାଇଥିବ। ସେଠୁ ଜୀବନ ହାରିବାର ଏଇ ରାସ୍ତାଟା ତାକୁ ଜଳଜଳ ଦିଶିଥିବ। ହୁଏତ ଭାବିଥିବ ଏଇ ରାସ୍ତା ଛଡ଼ା ତା' ପାଖରେ ଆଉ କିଛି ବିକଳ୍ପ ନାହିଁ। ମୁକୁଳିଯିବ ସେ ଯାବତୀୟ ସାଂସାରିକ, ମାନସିକ ଜଞ୍ଜାଳରୁ। ଜୀବନକୁ ଥରେ ଛି କରିଦେଲା ପରେ କେଉଁ ମୋହମାୟା ଅବା ତାକୁ ଅଟକାଇବଯେ ! ବରଂ ଜୀବନ ତା'ଠୁଁ ଦୂରେଇ ଯାଇ ମୃତ୍ୟୁକୁ ବାଟ ଛାଡ଼ି ଦେଇଥିବ।

ପର୍ଶୁରାମ ପାତ୍ର ନୂଆପଡ଼ାର ଅଖ୍ୟାତ ପଲ୍ଲୀର ଏକ ଛୋଟକାଟିଆ ଚାଷୀ। ବାପ ଅମଳରୁ ଦୁଇ ଏକର ଜମି ତା'ର ବଞ୍ଚିବାର ମୂଳ। ଚାଷ କରିବା ଛଡ଼ା ଅନ୍ୟ ବିଦ୍ୟା ତାକୁ ଜଣାନାହିଁ। ଚାଷୀ ପୁଅ ଚାଷୀ ହେବ ଏ ପରମ୍ପରା ପୁରୁଷାନୁକ୍ରମେ ଗଡ଼ି ଆସିଛି। ବାପର ଏହି ଆଦର୍ଶ ଯୋଗୁ ବେଶି ପାଠ ପଢ଼ିବାର ସୁଯୋଗ ନ ଥିଲା। ଗାଁଠାରୁ ସ୍କୁଲ ଚାରି କୋଶ ଦୂର। ରାସ୍ତାଘାଟ ନ ଥିଲା। ଖରା, ବର୍ଷା, ଶୀତରେ ଚାଲିଚାଲି ଯିବାକୁ ପଡ଼େ। ବର୍ଷା ଦିନରେ ସ୍କୁଲ ଯିବା ବନ୍ଦ। ମାଷ୍ଟର ଆସନ୍ତି ନାହିଁ କି ପିଲା ଆସିପାରନ୍ତି ନାହିଁ। ପାହାଡ଼ି ଝରଣା ଜଙ୍ଗଲୀ ରାସ୍ତାକୁ ବୁଡ଼ାଇଦିଏ। ଆଷାଢ଼ ମାସରେ ସାପ ଭୟ। ଜଙ୍ଗଲୀ ଜୀବଜନ୍ତୁ ବି ଅଛନ୍ତି। ବର୍ଷା ଦିନ ଗଲା ପରେ କିଏ ସ୍କୁଲକୁ ଫେରେ ତ କିଏ ସବୁଦିନ ପାଇଁ ପୋଥିରେ ଡୋରି ବାନ୍ଧିଦିଏ। ସ୍କୁଲ ଯିବା ଅପେକ୍ଷା ଗାଈ ଗୋରୁ ଚରେଇବା, ବିଲବାଡ଼ିରେ ଚଢ଼େଇ ହୁରୁଡ଼େଇବା, ନଈନାଳକୁ ଯାଇ ମାଛ ମାରିବା ଅଧିକ ଜରୁରୀ ହୋଇପଡ଼େ।

ପର୍ଶୁର ବି ସେହି ଅବସ୍ଥା ହୋଇଥିଲା। ପଞ୍ଚମ ଶ୍ରେଣୀରେ ପାଠରେ ଡୋରି ବାନ୍ଧି ବାପ ସହିତ ବିଲବାଡ଼ି କାମରେ ଲାଗି ପଡ଼ିଥିଲା। ବାପ ଶିଖାଇଥିଲା ସିଲଟରେ ଖଡ଼ି ଗଡ଼ାଇବା ଅପେକ୍ଷା ମାଟିରେ ସୁନା ଫଳାଇବା ଅଧିକ ମହତ୍ତ୍ୱପୂର୍ଣ୍ଣ। ବାପ ବି ତ ଦି' ଅକ୍ଷର ପଢ଼ି ନ ଥିଲା। ନ ପଢ଼ି ବି ତ ସେ ଫେର୍ ନିଜେ ବଞ୍ଚି ପିଲାଛୁଆଙ୍କ ପ୍ରତିପୋଷଣ କଲା କି ନାହିଁ। ପାଠ କ'ଣ ସ୍ୱର୍ଗକୁ ନେବ ? ବେଶି ପାଠ ପଢ଼ିଲେ ଚଷାପୁଅ ଚାଷ ଛାଡ଼ିଦେବ। ଉଡ଼ା ଚଢ଼େଇ ହୋଇ ଗାଁରୁ ଉଡ଼ିଯିବଯେ ବାପମାଆଙ୍କ ମଲା ବେଳେ ପାଣି ଟୋପେ କି ନିଆଁ ଦେବାକୁ ବି ଆସି ପାରିବନି। ସେହି ଦିନଠାରୁ ମାଟିରେ ସୁନା ଫଳାଇବା କାମରେ ଲାଗି ପଡ଼ିଥିଲା ପର୍ଶୁ। ସ୍କୁଲ ପାଠ, ବାହ୍ୟ ଚପଳତା ସବୁକିଛି ପଛରେ ରହିଯାଇଥିଲା। ହେଲେ ମାଟିରେ ସୁନା ବଦଳରେଯେ ବେଳେବେଳେ ଅଗାଡ଼ି ଉପୁଜେ ଏ କଥା କିନ୍ତୁ କହି ନ ଥିଲା ବାପ। ତାକୁ ବି ଜଣା ନ ଥିଲା। ଚାକିରି କଲେ ଧୋଇ କି ମରୁଡ଼ି ନ ଥାଏ। ଏ ବିଦ୍ୟା ତା' ବାପକୁ ବି ଜଣା ନ ଥିଲା। କେବଳ ଚାଷ ହିଁ ଭାତହାଣ୍ଡି, ତାଙ୍କର ଭବିଷ୍ୟତ। ତାକୁ ନେଇ ତା'ର ଯାବତୀୟ ସ୍ୱପ୍ନ।

ପୁଣି ସେ ବାହାହେଲା। ଛୁଆପିଲାର ବାପ ବି ହେଲା। ସ୍ତ୍ରୀକୁ ବି ବିଲବାଡ଼ି କାମରେ ଲଗାଇଦେଲା। ସ୍ତ୍ରୀ ବି କାମିକା ଥିଲା। ଘର ଅଗଣାରେ ସେ କେବେ ମୁନ୍ଦାଏ ଶାଗ ମଞ୍ଜି ବୁଣିଲାଣି ତ କେବେ କାକୁଡ଼ି, କଲରା, ଲାଉ, ଭେଣ୍ଡି ମଞ୍ଜି ପୋତିଲାଣି। ଚାଷୀ ପାଇଁ ପଖାଳ କଂସାଏ, ଲୁଣଲଙ୍କା, ଶାଗପୁଞ୍ଜାଏ ହେଲେ ବଡ଼ କଥା। ତେବେ ମଝିରେ ମଝିରେ ବିଲ ମାଛ କି ପିତା ଶୁଖୁଆ ମିଳିଗଲେ ପଖାଳ ଗଣ୍ଡେ ବେଶ୍ ଉଠିଯାଏ।

ଦିନେ କ'ଣ ହେଲା ନା ବାଧିକା ପଡ଼ିଲା ବାପ। ବାର୍ଦ୍ଧକ୍ୟ ରୋଗ। ବାପ ହିଁ ଥିଲା ତା'ର ଦମ୍ଭ ଖୁଣ୍ଟ। ଦିନ ଚାରିଟାରେ ଆଖି ବୁଜିଦେଲା। ତା'ର ଦାହ-ସଂସ୍କାର କ୍ରିୟା କର୍ମରେ ବଳକା ଧାନ, ସଞ୍ଚିତ ପଇସାତକ ଖର୍ଚ୍ଚ ହୋଇଗଲା। ସେହି ବର୍ଷ ବନ୍ୟାରେ ନଈକୂଳିଆ ଜମି କିଛି ବାଲିରେ ଧୋଇଗଲା। ଏଇଠୁ ଆରମ୍ଭ ହେଲା ପର୍ଶୁରାମର ଦୁର୍ଗତି। ସତେ କି ବାପ ସହିତ ମା' ଲକ୍ଷ୍ମୀ ବି ଚାଲିଗଲେ। ଧୀରେଧୀରେ ଅଭାବ ଗ୍ରାସ କରିବାରେ ଲାଗିଲା। ଗୋଟାଏ ପରେ ଗୋଟାଏ ଘରର ଜିନିଷ ବିକ୍ରି ହେବାରେ ଲାଗିଲା। ବାପ ଅମଳର ତେଲପିଆ ଶିଶୁ କାଠ ଖଟ, ପିତ୍ତଳ ଗରା, କଂସାବାସନ, କାଠ ଆଲମିରା ଏମିତି କେତେ କ'ଣ ବିକ୍ରି କରିବାକୁ ପଡ଼ିଲା। ପାଣିପାଗର ପରିବର୍ତ୍ତନ, ବର୍ଷାର ଅନିୟମିତତା, ମୌସୁମୀର ବିଳମ୍ବ, ଅଳ୍ପ ବୃଷ୍ଟି ଚାଷ ଉପରେ ଦାଉ ସାଧିଲା। କେବେ ବାତ୍ୟା ତ କେବେ ବନ୍ୟା, ଧାନଫୁଲ ଆସିଲା ବେଳକୁ ଏମିତି ପବନ ହେଲାଯେ ଧାନଗଛ ଅଗାଡ଼ିରେ ପରିଣତ ହେଲା। ପର୍ଶୁ ବୁଝି ପାରିଥିଲା ଚାଷ କାର୍ଯ୍ୟ ଆଉ ଚାଷୀର ଆନନ୍ଦ କି ଆହାରର ମାଧ୍ୟମ ନୁହେଁ। ବରଂ ଆଶା, ଆଶଙ୍କାର ମାଧ୍ୟମ। ସରକାରୀ ବିହନ କେବେ ଫିମ୍ପି, ଖତୁଆ ହେଲାଣି ତ କେବେ ପୋକ ଲାଗି ଫସଲ ନଷ୍ଟ ହେଲାଣି। କୃଷକ ପାଇଁ ଯେତେ ଉନ୍ନତ କୃଷି ପ୍ରଣାଳୀ ବାହାରିଲେ ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟ ସହିତ ଋଣଭାର ବଳିଯାଉଛି। ତେଣୁ ପର୍ଶୁ ବିଭିନ୍ନ ଦୁଶ୍ଚିନ୍ତାରେ ପଡ଼ିଯାଇଥିଲା। ତା' ଭଳି ଗାଁରେ ଅଧିକାଂଶ ଚାଷୀଙ୍କର ଅବସ୍ଥା ସେହି ଏକାପରି ଥିଲା।

ଆରବର୍ଷ ଅଭାବୀ ଧାନ ବିକ୍ରି ସହିତ ମରୁଡ଼ି ଦାଉ ସାଧିଥିଲା। ଅନେକ କ୍ଷତି ସହିଥିଲା ପର୍ଶୁ। ଘର ଛପର ହେଇପାରି ନ ଥିଲା। ପାଣି ଝରି ମାଟି କାନ୍ଥ ବତୁରି ବିପଦ ସୃଷ୍ଟି କରିଥିଲା। ସନ୍ତସନ୍ତିଆ ହେବା ଯୋଗୁ ପରିବାରସାରା ଥଣ୍ଡା, କାଶ, ସର୍ଦ୍ଦିର ଶିକାର ହେଉଥିଲେ। ପିଲା ଦିଓଟିକୁ ପଢ଼ାଇବାର ଇଚ୍ଛା ଥିଲେ ବି ସ୍କୁଲ ଦୂର ଥିବାରୁ, ଜଙ୍ଗଲୀ ରାସ୍ତା ବିପଦସଙ୍କୁଳ ଥିବାରୁ ପଠାଇ ପାରୁ ନ ଥିଲା।

ଏ ବର୍ଷ ବି ସେହି ଅବସ୍ଥା। ଲଗାତାର କେଇ ବର୍ଷ ହେଲା ପ୍ରାକୃତିକ ବିପର୍ଯ୍ୟୟ ଲାଗି ରହିଥିବାରୁ ଅଣ୍ଟା ତା'ର ଭାଙ୍ଗି ଯାଇଥିଲା। ତଥାପି ଆଶାଥିଲା ଅବସ୍ଥା ନିଶ୍ଚେ ବଦଳିବ। ହେଲେ ବଦଳିବ କ'ଣ ବିଗିଡ଼ିବା ଆରମ୍ଭ କରିଥିଲା। ଆସନ୍ନ ମରୁଡ଼ିର ଆଶଙ୍କା, ବିଳମ୍ବିତ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ହୋଇପାରି ନ ଥିଲା। ମୁଣ୍ଡରେ ହାତ ଦେଇ ବସିଥିଲା ପର୍ଶୁ। ଋଣ ପନ୍ଦର ହଜାର ନେଇ ଯେଉଁ ପାୱାରଟିଲର କିଣିଥିଲା ମାସଟିଏ ଯାଇନି ଖରାପ ହୋଇଗଲା। ଗ୍ୟାରେଣ୍ଟି ସମୟ ଥିଲେ ବି ସଜାଡ଼ିବାର କି ବଦଳିବାର ନାଁ ଧରିଲାନି ଦୋକାନୀ। ଧାଇଁଧାଇଁ ଥକିଗଲା। ତାକୁ ବି ଜଣା ନ ଥିଲା କେମିତି, କେଉଁଠି କଞ୍ଜୁମର କେସ୍ ହୁଏ। ଓକିଲକୁ ଦେବା ପାଇଁ ପଇସା ବି ନାହିଁ। ସେଆଡ଼େ ବେଡ଼ି ଉପରେ କରଡ଼ା ଭଳି ଋଣ ସହିତ ସୁଧ ହୁ ହୁ ବଢ଼ି ଚାଲିଥିଲା। ଏସବୁ ତାକୁ ଅସ୍ଥିର ଓ ଉପାୟହୀନ କରି ଦେଉଥିଲା। ଦଶଦିଗ ଅନ୍ଧାର ଦିଶୁଥିଲା। ଚରମ ହତାଶରେ ସେ କିଛି କୂଳ କିନାରା ପାଉ ନ ଥିଲା। କେତେଥର ବ୍ଲକ ଅଫିସ ଧାଇଁଛି ଫଳ ମିଳିନାହିଁ, ମିଳିଛି ପ୍ରତିଶ୍ରୁତି। ଚାଷ ଓ ଚାଷୀର ଉନ୍ନତି କଥା କାଳିକଲମ, ଭାଷଣ, ସଭା ସମିତିରେ ଯାହା ବଦଳି ଯାଇଥିଲା। ଗଲାସନ ଅଭାବୀ ବିକ୍ରିରେ ତା'ର ବହୁତ କ୍ଷତି ହୋଇଥିଲା। ସରକାର କହିଲେ ବ୍ଲକ ଅଫିସରେ ଧାନ କିଣିବେ। ଗାଁରୁ ଟ୍ରାକ୍ଟରଟେ ଭଡ଼ା କରି ଧାନ ବସ୍ତା ବୁହାଇଥିଲା। ହେଲେ କିଣିବା ପାଇଁ ସରକାରୀ ବାବୁଙ୍କ ଦେଖା ମିଳିଲାନି। ତିନିଦିନ ଉପାସ ଭୋକରେ ପଡ଼ିରହିଲା। ପୁଣି ବର୍ଷା ହେଲେ ଧାନବସ୍ତା ଗଜା ହୋଇଯିବା ଭୟରେ ଅତି ନିମ୍ନ ଦରରେ ବିକ୍ରି କରିବାକୁ ବାଧ୍ୟ ହୋଇଥିଲା, ଯେଉଁଥିରେ ଟ୍ରାକ୍ଟର ଭଡ଼ା ବି ଉଠିଲାନି, ଲାଭ ତ ଦୂରକଥା। ଶେଷରେ ସ୍ତ୍ରୀ ବେକର ସୁନାଚେନ୍ ଆଉ କାନଫୁଲ ହଳକ ବିକିବାକୁ ପଡ଼ିଲା। ଏସନ ଆଉ କ'ଣ ଅଛି ଯେ କ୍ଷତିର ଭରଣା ହେବ। ଜମି ବିକ୍ରି କରି ଦେଲେ ଖାଇବ କ'ଣ ? ପିଲାଛୁଆ ଭାସିଯିବେ। ସେ ଶୁଣୁଥିଲା ମହାରାଷ୍ଟ୍ରର କପା ଚାଷୀମାନଙ୍କର ଆତ୍ମହତ୍ୟା କଥା। ଆତ୍ମହତ୍ୟା ପରେ ସରକାର କ୍ଷତିପୂରଣ ଦେଉଛନ୍ତି ଲକ୍ଷେ ଟଙ୍କା। ତାକୁ ବି ଯଦି ଲକ୍ଷେ ମିଳେ ତ ପରିବାର ଋଣ ଶୁଝାଇ ତା' ଅନ୍ତେ ଭଲରେ ଚଳିବେ। ସମ୍ଭବତଃ ଏମିତି ଏକ ଭାବନା ପର୍ଶୁର ମୁଣ୍ଡରେ ପଶିଯାଇଥିଲା। ପୁଣି ବି କାନରେ ପଡୁଥିଲା ବଲାଙ୍ଗୀର, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦକ୍ଷିଣ ଗଞ୍ଜାମର ଚାଷୀ ଆତ୍ମହତ୍ୟା ଖବର। ଆତ୍ମହତ୍ୟାର କାରଣ ସେହି ଗୋଟାଏ, ଋଣ ବୋଝ, କ୍ଷତି ଆଉ ସୁଧଭରଣା କରି ନ ପାରିବାର ନିରାଶାଭାବ। କେଉଁଠି ଫସଲ ଉଜୁଡ଼ି ଗଲାଣି ତ କେଉଁଠି ମହାଜନ କି ସରକାର ଘରଡିହ ନିଲାମ କଲେଣି, ବ୍ୟାଙ୍କରୁ ନୋଟିସ୍ ଆସିଲାଣି। ପର୍ଶୁ ବି ତା'ପରେ ଆତ୍ମହତ୍ୟା କରିଥିବା ଚାଷୀଙ୍କ ତାଲିକାରେ ନିଜ ନାଁ ଲେଖାଇଦେଲା। ହେଲେ ତାକୁ କ'ଣ ଜଣାଥିଲା କୀଟନାଶକ ଖାଇ ଜୀବନ ହରାଇ ଦେଲେ ବି ସରକାରୀ ଦଳ କହିବେ ଏହା ଚାଷୀର ଦାରିଦ୍ର୍ୟ କି କ୍ଷତିଜନିତ ସମସ୍ୟା ନୁହେଁ, ବରଂ ପାରିବାରିକ କଳହ, ଦୁଃସାଧ୍ୟ ରୋଗରେ ପୀଡ଼ିତ ହେବା ଅଥବା ପରକୀୟା ପ୍ରୀତିର କାରଣ। ଲୋକଲଜ୍ଜା ଭୟରେ ସେ ଏଭଳି ଏକ ପଦକ୍ଷେପ ନେଇଛି।

ତା' ପରଦିନ ପର୍ଶୁର ଆତ୍ମହତ୍ୟା ସ୍ତବ୍ଧ କରିଦେଇଥିଲା ସରଗପାଲୀ ଗାଁର ପ୍ରତିଟି ପରିବାରକୁ। ତା' ସ୍ତ୍ରୀର ଉଚ୍ଛୁଳା କାନ୍ଦ ଶୁଣି ଧାଇଁ ଯାଇଥିଲେ ପଡ଼ୋଶୀ। ଚାହୁଁଚାହୁଁ ନିଆଁ ଭଳି ଖବରଟି ବ୍ୟାପୀ ଯାଇଥିଲା। ଲେଡ଼ା ପୋକ ମାରିବା ପାଇଁ ସେ ଯେଉଁ କୀଟନାଶକ କିଣି ଆଣିଥିଲା, ପୋକକୁ ମାରିବ କ'ଣ ନିଜକୁ ମାରିଦେଲା। ତା'ପରେ ମିଡିଆ, ନେତା ଘେରି ଯାଇଥିଲେ। ପର୍ଶୁର ଶବକୁ ନେଇ ଆରମ୍ଭ ହୋଇଯାଇଥିଲା କୁତ୍ସିତ ରାଜନୀତି। ଶବସଂସ୍କାର ହେବ କ'ଣ ସରକାରୀ କଳଠୁ ଆରମ୍ଭ କରି ସାମ୍ବାଦିକ, ସରପଞ୍ଚ, ଚାଷୀକୁଳ ସମସ୍ତେ ଏକାଠି ହୋଇଯାଇଥିଲେ। ରାଜନୀତିର ରଙ୍ଗ ନେଇଥିଲା ପର୍ଶୁର ଆତ୍ମହତ୍ୟା। ଜଣେ କିଏ ଦଉଡ଼ିଆ ଖଟଟେ ପଡ଼ିଶାଘରୁ ଆଣି ପର୍ଶୁର ଶବକୁ ଶୁଆଇ ଦେଇଥିଲା। ସ୍ତ୍ରୀର ଚାରିକାତ ମାରି ମୁଣ୍ଡକଚାଡ଼ି ହେବାର ଦୃଶ୍ୟକୁ ମିଡ଼ିଆବାଲା ନିଜନିଜ କ୍ୟାମେରାରେ ଉଠାଇ ନେଲେ। ଖବରକାଗଜ, ମିଡ଼ିଆବାଲାଙ୍କୁ ରୋଚକ ଖବର ମିଳିଯାଇଥିଲା। ତାକୁ ଏବେ ରଙ୍ଗାରଙ୍ଗ କରି ପରିବେଷଣ କରିବାରେ ଆଉ ଅସୁବିଧା ନାହିଁ।

ଥୋକେ କହିଲେ ଏବେ ଶବକୁ ମଝି ରାସ୍ତାରେ ରଖି ରାସ୍ତା ଅବରୋଧ କରିବାକୁ ପଡ଼ିବ। ରାସ୍ତା ଅବରୋଧ କଲେ କ'ଣ ଲାଭ ମିଳିବ, ଏକଥା ବୁଝି ପାରୁ ନ ଥିଲା ପର୍ଶୁର ସ୍ତ୍ରୀ। ବରଂ ଗଲାଆଇଲା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ଦୁଇପଟୁ ଗାଡ଼ିମୋଟର, ଟ୍ରକ୍, ଆମ୍ବୁଲାନ୍ସ କେତେ କ'ଣ ଅଟକି ରହିବ। କିଏ ଦୂର ଜାଗାକୁ ଇଣ୍ଟରଭ୍ୟୁ ଦେବାକୁ ଯାଉଥିବ ତ କିଏ ଡାକ୍ତରଖାନାକୁ, କିଏ ଟ୍ରେନ୍ ଧରିବ ତ କିଏ ଗାଁରେ ପହଞ୍ଚିବାର ବସ୍ ଫେଲ୍ ହୋଇଯିବ। ତା' ସ୍ୱାମୀର ମୃତ୍ୟୁରେ ଜନସାଧାରଣ କାହିଁକି ଅସୁବିଧାର ସାମ୍ନା କରିବେ ? ଏଥିରେ ଲାଭ କ'ଣ ହେବ ? ସ୍ୱାମୀ ତ ଆଉ ଫେରିବେନି। ରାସ୍ତା ଅବରୋଧ କଲେ କେମିତି ତା'ର କ୍ଷତିପୂରଣ ହେବ ସେ ବୁଝି ପାରୁ ନ ଥିଲା। ସେ କେବେ ଜାଣି ନ ଥିବା, ଶୁଣି ନ ଥିବା, ଦେଖି ନ ଥିବା ଧବଳ ନେତା, ସରପଞ୍ଚ, ରାଜନୈତିକ ଲୋକେ, ମିଡିଆ ସମସ୍ତେ ସହାନୁଭୂତିରେ ତାକୁ ଚାପି ପକାଉଥିଲେ। ଏମିତି ହୋଇଥିଲେ ତ ତା' ସ୍ୱାମୀ ଜୀବନ ହାରି ନ ଥା'ନ୍ତେ। ଗୋଟାଏ ଜିଅନ୍ତା ମଣିଷ ଶବ ପାଲଟି ଗଲେ ଶାଗୁଣା ଘେରିଲା ଭଳି ଏମିତି ଲୋକେ ଘେରି ଯାଆନ୍ତି।

କିଏ କହିଲା କ୍ଷତିପୂରଣ ନ ମିଳିଲା ଯାଏଁ କି ସରକାର ଲିଖିତ ପ୍ରତିଶ୍ରୁତି ନ ଦେଲେ ଶବ ଉଠିବ ନାହିଁ। ଆଉ ଦଳେ ସ୍ଲୋଗାନ ଦେଉଥିଲେ, ପର୍ଶୁରାମ ପାତ୍ର ଅମର ରହେ, ଚାଷୀ ମୂଲିଆ ଉପରେ ଜୁଲୁମ ଚଳିବ ନାହିଁ, ଚଳିବ ନାହିଁ, କ୍ଷତିପୂରଣ ଦିଅ, ଶବ ଉଠାଅ। ଋଣ ଛାଡ଼ କର, ଶବ ଉଠାଅ। ଅମର ରହେ ଅମର ରହେ। କିଏ କହିଲା, କୃଷିମନ୍ତ୍ରୀ ନିଜେ ଆସି ପରିସ୍ଥିତି ଅନୁଧ୍ୟାନ କରନ୍ତୁ, କିଏ କହିଲା ସିବିଆଇ ତଦନ୍ତ ହେଉ। କେହି କେହି ପ୍ରସ୍ତାବ ଦେଲେ ଜିଲାପାଳ, କୃଷି ଅଧିକାରୀଙ୍କୁ ଘେରାଉ କରାଯାଉ। ତା' ପରିବାରକୁ ଥଇଥାନ, ଋଣଛାଡ଼ ପାଇଁ ଲିଖିତ ପ୍ରତିଶ୍ରୁତି ସହ ଦାହ, ସଂସ୍କାର ପାଇଁ ତୁରନ୍ତ ନଗଦ ଅର୍ଥ ନ ମିଳିଲାଯାଏଁ ଆନ୍ଦୋଳନ ଜାରି ରହିବ। ଆଉ କେହିକେହି ହୁଏତ ମନେମନେ ଭାବୁଥିଲେ ନିଜର ଆତ୍ମପ୍ରଚାର ଓ ରାଜନୈତିକ ଭାବମୂର୍ତ୍ତି ତିଆରି ପାଇଁ ଏଇଟା ହିଁ ସୁଯୋଗର ଖୋଲା ମଇଦାନ। ଏହାର ସୁଯୋଗ ନେବା ଉଚିତ। ମିଡିଆ ସାମ୍ନାରେ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ତଥାକଥିତ ନେତା ସମାଜସେବୀର ପ୍ରତ୍ୟୟ ସୃଷ୍ଟି କରୁଥିଲେ। ଝକ୍‌ଝାକ୍ ଫଟୋ ଉଠୁଥିଲା। ଜନସାଧାରଣ ତାଟକା ହୋଇ ଏ ତାମସା ଦେଖୁଥିଲେ। ବାହାପିଆ ସରକାରର ଆତ୍ମା ଭିତରେ ଟିକିଏ ବି ବିବେକ, ମାନବିକତା ନାହିଁ ବୋଲି ବିରୋଧୀ ପାର୍ଟି ଅଡ଼ି ବସୁଥିଲେ। ଏ ପରିପ୍ରେକ୍ଷୀରେ ପ୍ରତ୍ୟେକ ସ୍ୱାଭିମାନୀ ଓଡ଼ିଆ, ସଚେତନ ନାଗରିକ ଆଗେଇ ଆସନ୍ତୁ ବୋଲି ସେମାନେ ଆହ୍ୱାନ ଦେଉଥିଲେ। ଆଉ କେତେଜଣ କହୁଥିଲେ, ଚାଷୀ ମୂଲିଆଙ୍କ ଜୀବନଜୀବିକା ସହ ଖେଳ ଖେଳିବାକୁ କୃଷିମନ୍ତ୍ରୀ ସାହସ କଲେ କେମିତି ? ପୁଣି ଏ ଅଞ୍ଚଳ ମରୁଡ଼ିପ୍ରବଣ ଅଞ୍ଚଳ ବୋଲି ଘୋଷଣା କରିବାକୁ କିଛି ଲୋକେ ଦାବି କରୁଥିଲେ।

ଏ ତ ଗଲା ବିରୋଧୀ ଦଳଙ୍କ ରାଜନୀତି। ସେପଟେ ସରକାରୀ ଲୋକେ ଚୁପ୍‌ଚାପ୍ ବସି ନ ଥିଲେ। ଶାସକ ଦଳ ସହ ବିରୋଧୀ ଦଳଙ୍କର ପର୍ଶୁର ଆତ୍ମହତ୍ୟାକୁ କେନ୍ଦ୍ର କରି କଥା କଟାକଟି ଆରମ୍ଭ ହୋଇ ଯାଇଥିଲା। ପ୍ରଥମେ ଘଟଣାଟିକୁ ଅନ୍ୟ ବାଗରେ ଚପାଇ ଦେବାକୁ ଚେଷ୍ଟା କରାଯାଇଥିଲା। ତା'ପରେ ବ୍ୟକ୍ତିଗତ, ପାରିବାରିକ ଦୋଷାରୋପ, କଳହ ସହିତ ମାଡ଼ ମରାମରି ଦୃଶ୍ୟ ବି ଦେଖିବାକୁ ମିଳିଥିଲା। ଜିଲାପାଳ କହିଲେ, ତା'ର ସେମିତି ଏତେଟା ଆର୍ଥିକ ଦୁରବସ୍ଥା ନ ଥିଲା। କୃଷି ଅଧିକାରୀ କହିଲେ, ପର୍ଶୁର ଜମିକୁ ଲାଗି ଅନ୍ୟ ଚାଷୀଙ୍କର ବିଲରେ ଭଲ ଧାନ ଫସଲ ହୋଇଥିବାରୁ ଲେଡ଼ା ପୋକ ଲାଗିବା, ଫସଲହାନି ଘଟିବା ତୁଚ୍ଛା ମିଛ କଥା। ଏଥିରୁ ଜଣାପଡୁଥିଲା ପର୍ଶୁର ମୃତ୍ୟୁ ପାଇଁ ସରକାର କ୍ଷତିପୂରଣ ନ ଦେବାକୁ ସତେକି ଶପଥ ନେଇ ସାରିଛନ୍ତି। ଋଣଭାର ସଂପର୍କିତ ଚାଷୀ ଆତ୍ମହତ୍ୟାକୁ ସମ୍ବେଦନହୀନ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ, ତହସିଲଦାର ବେଶ୍ ହାଲକାରେ ଉଡ଼ାଇ ଦେବାକୁ ଚେଷ୍ଟା କରୁଥିଲେ, ଯାହା ଏକ ପ୍ରକାର ପ୍ରହସନରେ ପରିଣତ ହୋଇ ସାରିଥିଲା। ସାଧାରଣ ଜନତା ବିଚାର କରୁଥିଲା, ସତ୍ୟକୁ ଉଦ୍‌ଘାଟନ କରି ସରକାର ଯଦି ସମସ୍ୟା ନିରାକରଣ ପାଇଁ ତୁରନ୍ତ କିଛି ପଦକ୍ଷେପ ନିଅନ୍ତେ, ତା'ହେଲେ ଆଉ କିଛି ଚାଷୀଙ୍କର ଜୀବନ ରକ୍ଷା ହୋଇ ପାରନ୍ତା। ସେପଟେ ଦୁଃଖ ଓ ହତାଶାରେ ମ୍ରିୟମାଣ ଚାଷୀମାନେ ପର୍ଶୁର ରାସ୍ତା ଧରିବାକୁ ମଧ୍ୟ ଚିନ୍ତା କରୁଥିଲେ।

ଏହିଭଳି ଶବ-ରାଜନୀତିର ଟଣାଓଟରା ଭିତରେ ପର୍ଶୁର ସ୍ତ୍ରୀ ଓ ତା'ର ପରିବାରର କାନ୍ଦବୋବାଳି ଠପ୍ ପଡ଼ିଯାଇଥିଲା। କ'ଣ ଘଟୁଛି ବା କ'ଣ ଘଟିବାକୁ ଯାଉଛି ସେମାନେ କିଛି ବୁଝି ପାରୁ ନ ଥିଲେ। ତା'ରି ଭିତରେ ପୁଣି କିଏ କହୁଥିଲା ତା' ସ୍ତ୍ରୀକୁ ବାଳମୁକୁଳାକରି, ହାତଗୋଡ଼ କଚାଡ଼ି ହୋଇ କାନ୍ଦ, ତୋ' ଫଟୋ ଟିଭିରେ ବାହାରିବ, ଖବରକାଗଜରେ ଛପା ହେବ। ଗୁଡ଼ାଏ ଟଙ୍କା ପାଇବୁ। ଋଣ ଛାଡ଼ ହେବ। ତେବେ ପର୍ଶୁର ସ୍ତ୍ରୀ ବୁଝିଥିଲା ତା' ସ୍ୱାମୀ ଆଉ କେବେ ଫେରିବ ନାହିଁ। ସେଥିପାଇଁ ଖଟ ଉପରେ ବାସି ପଡ଼ି ଆସୁଥିବା ଶବକୁ ତା' ଛିଣ୍ଡା ଲୁଗା କାନିରେ ସେ ବେଶ୍ ଯତ୍ନର ସହ ପୋଛି ପକାଉଥିଲା। ମାଛି ହୁରୁଡ଼ାଉ ଥିଲା। ସତୁରି ବର୍ଷର ଶାଶୂ - ଯିଏ ଦାରିଦ୍ର୍ୟର ୯୦ ବର୍ଷର ରୂପ ନେଇଥିଲା। ଘୁଷୁଡ଼ି ଘୁଷୁଡ଼ି ପୁଅର ଦିହମୁଣ୍ଡ ଆଉଁସି ବାହୁନି କାନ୍ଦୁଥିଲା, ଗଲାପୁତ୍ର ବାହୁଡ଼ି ନଇଲା ଲୋ କୋଇଲି।

ଏହିଭଳି ରାଜନୀତି ଚାଲିଥିଲା ବେଳେ ଆମ୍ବୁଲାନ୍ସ ପହଞ୍ଚିଥିଲା। ପର୍ଶୁର ପୋଷ୍ଟମର୍ଟମ ପାଇଁ ତାକୁ ଆମ୍ବୁଲାନ୍ସରେ ଉଠାଯାଉଥିଲା। ଗାଡ଼ି ଷ୍ଟାର୍ଟ ବେଳକୁ ପର୍ଶୁ ଛାଡ଼ିଯାଇଥିବା ତା'ର ଅସହାୟ ବୁଢ଼ୀ ମାଆ, ସ୍ତ୍ରୀ ବିକଳରେ ରଡ଼ି କରି ଉଠୁଥିଲେ। ଆମ୍ବୁଲାନ୍ସ ମେଞ୍ଚାଏ ଧୂଆଁ ତାଙ୍କୁ ଛାଡ଼ି ଅଦୃଶ୍ୟ ହୋଇ ଯାଉଥିଲା କ୍ରମଶଃ।

**- ସହଯୋଗୀ ପ୍ରଫେସର, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦା**

ଲଗାତାର କେଇ ବର୍ଷ ହେଲା ପ୍ରାକୃତିକ ବିପର୍ଯ୍ୟୟ ଲାଗି ରହିଥିବାରୁ ଅଣ୍ଟା ତା'ର ଭାଙ୍ଗି ଯାଇଥିଲା। ତଥାପି ଆଶାଥିଲା ଅବସ୍ଥା ନିଶ୍ଚେ ବଦଳିବ। ହେଲେ ବଦଳିବ କ'ଣ ବିଗିଡ଼ିବା ଆରମ୍ଭ କରିଥିଲା। ଆସନ୍ନ ମରୁଡ଼ିର ଆଶଙ୍କା, ବିଳମ୍ବିତ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ହୋଇପାରି ନ ଥିଲା। ମୁଣ୍ଡରେ ହାତ ଦେଇ ବସିଥିଲା ପର୍ଶୁ।

ପର୍ଶୁର ଆତ୍ମହତ୍ୟା ସ୍ତବ୍ଧ କରିଦେଇଥିଲା ସରଗପାଲୀ ଗାଁର ପ୍ରତିଟି ପରିବାରକୁ। ତା' ସ୍ତ୍ରୀର ଉଚ୍ଛୁଳା କାନ୍ଦ ଶୁଣି ଧାଇଁ ଯାଇଥିଲେ ପଡ଼ୋଶୀ। ଚାହୁଁଚାହୁଁ ନିଆଁ ଭଳି ଖବରଟି ବ୍ୟାପୀ ଯାଇଥିଲା। ଲେଡ଼ା ପୋକ ମାରିବା ପାଇଁ ସେ ଯେଉଁ କୀଟନାଶକ କିଣି ଆଣିଥିଲା, ପୋକକୁ ମାରିବ କ'ଣ ନିଜକୁ ମାରିଦେଲା।





# ସହଯାତ୍ରୀ

**ଅନୁବାଦ ଗଳ୍ପ**

**ମୂଳ ରଚନା: ରସ୍କିନ୍‌ବଣ୍ଡ**

**ଅନୁବାଦ : ଡ. କିଶୋର ମହାନ୍ତି**

ରୋହନା ଷ୍ଟେଶନ ଆସିବାଯାଏଁ ଟ୍ରେନ୍‌ର ସେଇ ବଗିରେ କେବଳ ଏକୁଟିଆ ବସି ରହିଥିଲି ମୁଁ। ତେବେ ଜଣେ ଯୁବତୀ ମୋର କମ୍ପାର୍ଟମେଣ୍ଟ ଭିତରକୁ ଅଚାନକ ପଶି ଆସିଲେ। ସାଥିରେ ଥିଲେ ଜଣେ ଭଦ୍ରବ୍ୟକ୍ତି ଓ ଜଣେ ମହିଳା, ଯିଏକି ତାଙ୍କୁ ଗାଡ଼ି ଚଢ଼ାଇ ଦେବାକୁ ଆସିଥିଲେ। ହୁଏତ ତାଙ୍କର ପିତା ମାତା ହୋଇପାରନ୍ତି। ଟ୍ରେନ୍‌ରେ ଯାତ୍ରା ପାଇଁ ସେ ବଡ଼ ଚିନ୍ତିତ ଜଣାପଡୁଥା'ନ୍ତି। ମହିଳା ଜଣକ ଗାଡ଼ିରେ ଯିବାବେଳେ କ'ଣ କରିବାକୁ ହବ ସେ ସମ୍ପର୍କରେ ସତର୍କ କରାଇ ଦେଉଥା'ନ୍ତି ସେଇ ଯୁବତୀଙ୍କୁ। ନିଜର ଜିନିଷପତ୍ର ସାବଧାନରେ କେଉଁଠି ରଖିବ, ଝରକା ଖୋଲା କରି କେତେବେଳେ ବାହାରକୁ ମୁଣ୍ଡ ଗଳାଇବ ନାହିଁ ଏବଂ ଅପରିଚିତମାନଙ୍କ ସହ ଯେତେଦୂର ସମ୍ଭବ କଥାବାର୍ତ୍ତା ପରିହାର କରିବ ଇତ୍ୟାଦି ଇତ୍ୟାଦି।

ଗାର୍ଡ ସାହେବ ହ୍ୱିସିଲ ବଜାଇଲେ। ଗାଡ଼ି ସିଟି ମାରି ଧୀରେଧୀରେ ଗଡ଼ିବାକୁ ଲାଗିଲା ଏବଂ ସେଇ ପ୍ରୌଢ଼ ଓ ପ୍ରୌଢ଼ା ଦିହେଁ ଟା-ଟା କହି ବିଦାୟ ଦେବା ଭିତରେ ଗାଡ଼ି ପ୍ଲାଟ୍‌ଫର୍ମକୁ ପଛରେ ପକାଇ ଆଗକୁ ମାଡ଼ି ଯାଇଥିଲା। ମୁଁ ସମ୍ପୂର୍ଣ୍ଣ ଅନ୍ଧ ଥିଲି। ମୋତେ ଆଦୌ ଦେଖାଯାଉ ନ ଥିଲା। କେବଳ ଅନ୍ଧକାର ଆଉ ବାହାରର ସୂର୍ଯ୍ୟକିରଣର ସ୍ପର୍ଶ ମୋ' ଅନ୍ତରରେ ଅନୁଭବ କରୁଥିଲି



ମାତ୍ର। ଏଣୁ ମୋ' ପାଇଁ କହିବା କଷ୍ଟସାଧ୍ୟ ଥିଲା ଯେ ସେ ଯୁବତୀ ଦେଖିବାକୁ କେମିତି!

କିନ୍ତୁ ତାଙ୍କର ପାଦଶବ୍ଦରୁ ସ୍ପଷ୍ଟ ଅନୁମେୟ ହେଉଥିଲା ଯେ ତାଙ୍କ ପାଦରେ ସ୍ଲିପର୍ ଅଛି। ଏହି କଥା ଜାଣିବା ପାଇଁ ଯଥା ତାଙ୍କର ଅବୟବ, ସୌନ୍ଦର୍ଯ୍ୟ ସମ୍ପର୍କରେ ଧାରଣା ଆଣିବା ପାଇଁ କିଛିଟା ସମୟ ଦରକାର। ଏଥିପାଇଁ ଭାବିବାକୁ ଓ ଅପେକ୍ଷା କରିବାକୁ ମଧ୍ୟ ହେବ। କିନ୍ତୁ ସେଇ ଯୁବତୀଙ୍କ ପାଦ ସ୍ଲିପର୍‌ର ଶବ୍ଦ ଓ ମଧୁର କଣ୍ଠର ସ୍ୱର ମତେ ପାଗଳ କରି ଦେଉଥିଲା।

– କ'ଣ ଆପଣ ଡେରାଡୁନ୍ ଯିବେ ? ମୁଁ ଅତି ସନ୍ତର୍ପଣରେ କହିଲି। ଏମିତି ଜଣା ଯାଉଥିଲା ଯେ, ମୋ' ସ୍ୱର ତାଙ୍କ ପାଖରେ ପହଞ୍ଚିନି। ସେ ମୋ' ପ୍ରଶ୍ନରେ ଏକବାର ବିଚଳିତ ହୋଇ ପଡ଼ିଲା ପରି ଜଣା ପଡୁଥିଲେ, ସେ ସତରେ କେମିତି ଏକ ଆଶ୍ଚର୍ଯ୍ୟମିଶା ଭୟରେ ଅସ୍ଥିର ହୋଇ ମନେମନେ କହି ଉଠିଲେ– ଆରେ, ମୁଁ ଜାଣି ନ ଥିଲି ଯେ ଏଠାରେ ଅନ୍ୟ କିଏ ଅଛନ୍ତି ବୋଲି।

କେବେକେବେ ଏମିତି ହୁଏ, ଦୃଷ୍ଟି ଶକ୍ତି ଥାଇ ବି ଲୋକେ ସାମ୍ନାରେ ଥିବା ବସ୍ତୁକୁ ହଠାତ୍ ଦେଖି ପାରି ନ ଥା'ନ୍ତି। ସ୍ମରଣରେ ନ ଥାଇ ହେଉ ବା ତରବରରେ ହେଉ ଦେଖାଯାଉଥିବା ବସ୍ତୁଟି ତାକୁ ନ ଦେଖିଲା ପରି ଜଣାଯାଏ। ଅନ୍ୟପକ୍ଷରେ ଯେଉଁ ଲୋକ ଦୃଷ୍ଟି ଶକ୍ତିହୀନ ଯେମିତି କିଛି ବେଶି ଦେଖିପାରନ୍ତି ନାହିଁ କିମ୍ବା ଅଳ୍ପ ଦେଖିପାରନ୍ତି। ଜାଣିବାକୁ ହେଲେ ସେମାନେ ଅନ୍ୟର ସ୍ୱର ଉପରେ ନିର୍ଭର କରନ୍ତି ଏବଂ ଅନ୍ୟର ଜ୍ଞାନେନ୍ଦ୍ରିୟକୁ ସମ୍ପୂର୍ଣ୍ଣ ଭାବେ ସଜୀବ କରାଇ ଦେଇଥା'ନ୍ତି।

– ମୁଁ ତ ଆପଣଙ୍କୁ ଦେଖିପାରି ନ ଥିଲି, କିନ୍ତୁ ମୁଁ ଆପଣଙ୍କର ଆସିବାର ଶବ୍ଦ ବାରି ଦେଇଥିଲି। ବର୍ତ୍ତମାନ ମୋତେ ଏମିତି ଏକ ଭୟ କାବୁ କରି ଦେଇଥିଲା, ଯାହାକି ମୁଁ ତାଙ୍କ ପାଖରେ ମୋର ଅନ୍ଧତ୍ୱକୁ ଲୁଚାଇବି କି ନାହିଁ ଭାବୁଥିଲି। ମୁଁ ଭାବିଲି ମୁଁ ଯଦି ମୋ' ସିଟ୍ ଉପରେ ନିବିଷ୍ଟ ହୋଇ ବସି ରହେ, ତେବେ ତାଙ୍କ ପାଖରେ ନିଜର ଅବସ୍ଥାକୁ ଲୁଚାଇବା କଷ୍ଟ ହୋଇପଡ଼ିବ। ଝିଅଟି ମୋ' ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଲେ– "ମୁଁ ସାହାରାନପୁରରେ ଓହ୍ଲାଇ ଯିବି। ମୋର ଚାଚୀ ମୋତେ ଗାଡ଼ି ପାଖରୁ ନେବାକୁ ଷ୍ଟେଶନକୁ ଆସିଥିବେ।" ତେବେ ମୋତେ ତ ଏହାଙ୍କ ସଙ୍ଗେ ଚିହ୍ନା ଜଣା କରିବା ଆଦୌ ଦରକାର ନାହିଁ। ଏଇ ଚାଚୀମାନଙ୍କୁ ମୋର ଭାରି ଭୟ।

କିନ୍ତୁ ଆପଣ କୁଆଡ଼େ ଯାଉଛନ୍ତି, ଝିଅଟି ଧୀର ଗଳାରେ କହିଲା। – ଡେରାଡୁନ୍। ସେଇଠୁ ମୋତେ ମସୌରୀ ଯିବାକୁ ହେବ। ଓଃ! ଆପଣ କେତେ ଭାଗ୍ୟବାନ୍। ମୁଁ ବି ମସୌରୀ ଯାଇପାରେ। ମୋତେ ସେଇ ଚିରହରିତ୍ ପାହାଡ଼ଗୁଡ଼ିକ ଭାରି ଭଲଲାଗେ, ବିଶେଷକରି ଅକ୍ଟୋବର ମାସରେ...।

– ହଁ, ସେଠାକୁ ଯିବାକୁ ଇଏତ ଭଲ ସମୟ! ପାହାଡ଼ଗୁଡ଼ିକ ବିଭିନ୍ନ ରଙ୍ଗବେରଙ୍ଗର ଜଙ୍ଗଲୀ ଫୁଲରେ ଶୋଭାପାଏ। ସୂର୍ଯ୍ୟକିରଣ ବେଶ୍ ଆରାମଦାୟକ। ପୁଣି ରାତିରେ ନିଆଁ ଚୁଲି ପାଖରେ ପାପୁଲି ସେକୁସେକୁ ପିଆଲାରୁ ବ୍ରାଣ୍ଡି ଶୋଷି ନେବାର ମଜା...। ଏବେ ତ କିଛି ପର୍ଯ୍ୟଟକ ଚାଲିଯିବେଣି। ରାସ୍ତାକଡ଼ ଶାନ୍ତ ଉଦାର ହୋଇ ଯାଇଥିବ। ହଁ, ଆପଣ ଠିକ୍ କହିଛନ୍ତି। ଅକ୍ଟୋବର ମାସ ହିଁ ମସୌରୀ ଯିବାକୁ ସବୁଠାରୁ ଭଲ ସମୟ।

ସେ ମୌନ ଥିଲେ। ମୋତେ ସନ୍ଦେହ ଲାଗୁଥିଲା କି ମୁଁ ଏବେ ଯେଉଁ ଶବ୍ଦ ଉଚ୍ଚାରଣ କଲି ସେଥିରେ ସେ ମୋ' ଉପରେ ଟିକିଏ ବିରକ୍ତିଭାବ ପ୍ରକାଶ କରିଥିବେ। ସେ ମୋତେ ପାଗଳ ବୋଲି ଭାବି ନେଇ ନାହାନ୍ତି ତ! ଠିକ୍ ସେଇ ସମୟରେ ମୁଁ ଆଉ ଗୋଟିଏ ଭୁଲ କଲି।

– ବାହାରର ଦୃଶ୍ୟ ଆପଣଙ୍କୁ କେମିତି ଲାଗୁଛି! ମୁଁ ପଚାରି ବସିଲି। ସେ ଭାବିଲେ କି ମୋ' ପ୍ରଶ୍ନରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଏହା ସେ ବୋଧେ ଜାଣି ପାରିଲେନି। ମୋର ଆଖି କିଛି ଦେଖିବାର ଶକ୍ତି ହରାଇ ବସିଛି। କିନ୍ତୁ ଏ ପ୍ରଶ୍ନର ଉତ୍ତରରେ ମୋର ସମସ୍ତ ସନ୍ଦେହ ଦୂରେଇ ଗଲା।

– ଆପଣ ନିଜେ ଝରକା ବାହାରେ ଦେଖିନିଅନ୍ତୁ ନା– ସେ ଉତ୍ତର ଦେଲେ। ଝରକା ଖୋଲାଥିଲା ଏବଂ ମୁଁ ବାହାରର ରମ୍ୟରାଜି ଦେଖିବାର ବାହାନା କରିବାର ନାଟକ କଲି। ଇଞ୍ଜିନ୍‌ର ବିକଟାଳ ତଥା ଇସ୍ପାତ ପହିଆ ଧାର ଘର୍ଘର ଶବ୍ଦ ସୃଷ୍ଟି କରୁଥିଲା ଏବଂ ମୋ' ମସ୍ତିଷ୍କରେ ଟେଲିଫୋନ୍ ଖୁଣ୍ଟ ପଶ୍ଚାତ୍ ଗମନର ଦୃଶ୍ୟ ଚହଲିଗଲା।

– ପ୍ରାୟ ସେମିତି ଲାଗୁଛି। ଆଚ୍ଛା, ଆପଣଙ୍କୁ କେଉଁଠି ପଶୁଥିବାର ଜଣାପଡୁନି ? ନାହିଁ ତ। ମୁଁ ଟିକିଏ ମୋର ସ୍ୱର ଦୃଢ଼ କରି କହିଲି। ମୁଁ ସମ୍ପୂର୍ଣ୍ଣ ଭାବେ ଜାଣିଥିଲି ଯେ, ଡେରାଡୁନ୍‌ର ପାର୍ଶ୍ୱବର୍ତ୍ତୀ ଜଙ୍ଗଲରେ ବର୍ତ୍ତମାନ ପଶୁମାନେ ପ୍ରାୟ ଦେଖା ମିଳୁନାହାନ୍ତି। ମୁଁ ଝରକା ପାଖକୁ ଘୁଞ୍ଚିଯାଇ ସେ ଝିଅ ପାଖକୁ ବୁଲି ଗଲି। କିଛି ସମୟ ପାଇଁ ଦୁହେଁ ନୀରବ ରହିଲୁ। ସେଇ ନୀରବତା ଭିତରେ ମୁଁ ଭାବୁଥିଲି ସେ ଯେମିତି ଗାଡ଼ିରୁ ଓହ୍ଲାଇଯିବ, ଆଉ କ୍ଷଣିକ ସାକ୍ଷାତ୍ ତା' ମସ୍ତିଷ୍କରୁ ଉଭେଇଯିବ। କିନ୍ତୁ ମୋ' ମନରେ ତା'ର ସ୍ମୃତି ଶେଷଯାତ୍ରାଯାଏଁ ଗୁଞ୍ଜରିତ ହେଉଥିବ।

ହଠାତ୍ ଇଞ୍ଜିନ୍ ସିଟି ଦେଲା। କମ୍ପାର୍ଟମେଣ୍ଟର ନିମ୍ନ ପହିଆଧାର ଖଡ଼ଖଡ଼ ଶବ୍ଦରୁ ପ୍ରତୀୟମାନ ହେଉଥିଲା ଯେ, ଚକା ରେଳଧାରଣା ବଦଳାଉଛି। ମୋତେ ଜଣାଗଲାଯେ, ସେ ଝିଅ ନିଜ ସିଟ୍‌ରୁ ଉଠି ଛିଡ଼ାହେଲେ ଆଉ ନିଜର ଜିନିଷପତ୍ର ଉଠାଇବାକୁ ପ୍ରସ୍ତୁତ ହେଲେ। ମୋତେ ଏହା ଜାଣିବାରେ ଉତ୍କଣ୍ଠା ଲାଗିଲା ଜୁଡ଼ାରେ ବନ୍ଧା ରେଶମୀ କେଶ କାନ୍ଧ ଉପରକୁ ଖସି ଝୁଲୁଥିଲା କିନ୍ତୁ ଏହା ସମ୍ଭବ ହେଇପାରେ ସେ ପ୍ରଚଳିତ ଫେଶନ ଅନୁସାରେ କେଶ କାଟି ଛୋଟ କରିଦେଇ ପାରିଥା'ନ୍ତି।

ଗାଡ଼ି ଧୀରେଧୀରେ ଷ୍ଟେଶନ ପାଖକୁ ଆସି ରହିଗଲା। ବାହାରେ କୁଲି ଓ ହକରବାଲାଙ୍କ ଚିତ୍କାର ସତେ ଯେମିତି ଅଚାନକ ତୋଫାନ୍ ଉଠିଲା ପରି ଜଣାପଡୁଥିଲା। ଏହି ସମୟରେ ଆମ ବଗିର ଦ୍ୱାର ପାଖରେ ଜଣେ ମହିଳାଙ୍କର ଉଚ୍ଚାଙ୍ଗ କଣ୍ଠସ୍ୱର ଶୁଭିଲା– ନିଶ୍ଚିତ ଭାବରେ ସେ ସ୍ୱର ନାରୀର, ବୋଧହୁଏ– ଚାଚୀର।

– ଆଚ୍ଛା, ତା'ହେଲେ ମୁଁ ଏବେ ଯାଉଛି– ଝିଅଟି କହିଲା। ସେ ମୋର ଅତି ନିକଟରେ ଛିଡ଼ା ହୋଇଥିଲା। ଏତେ ନିକଟରେ ଯେ ତା'ର କେଶର ସୁଗନ୍ଧ ମୁଁ ବାରି ପାରୁଥିଲି। ମୋର ବଡ଼ଇଚ୍ଛା ହେଉଥିଲା ହାତ ବଢ଼େଇ ଦେଇ ତା'ର ମୁଲାୟମ ରେଶମୀ କେଶକୁ ସାଉଁଳାଇ ଦେବାକୁ। କିନ୍ତୁ ସେ ଚାଲିଗଲା। କେବଳ ତା'ର ଶରୀରର ମହକ ସେଇ ସ୍ଥାନରେ ଛାଡ଼ି ଦେଇଗଲା, ଯେଉଁଠି ସେ ଛିଡ଼ା ହୋଇଥିଲା। ତେବେ ଦ୍ୱାର ପାଖରେ ଆଉ ନୂଆ ଯାତ୍ରୀ ପଶି ଆସୁଥିଲେ। ଜଣେ ଭଦ୍ରଲୋକ ଯିଏ ବଗି ଭିତରକୁ ଧସ୍ତାଧସ୍ତି ଭିତରେ ପଶି ଆସିଥିଲେ, ସେ କ୍ଷମା ମାଗୁଥିଲେ। ତା'ପରେ ବଗିର ଦ୍ୱାର ବନ୍ଦ ହୋଇଗଲା ଓ ବାହାର ଦୁନିଆର ଶୋଭା ଉଭେଇଗଲା। ଗାଡ଼ି ସିଟି ଦେଲା। ଆଉ ଆମର ଗାଡ଼ି ପୁଣି ସେଇ ଗତାନୁଗତିକ ପଥରେ ଗଡ଼ିଚାଲିଲା। ପୁନରାୟ ସେଇ ଖେଳ ଆଉ ଗୋଟିଏ ନୂତନ ସହଯାତ୍ରୀ ସହ ସୃଷ୍ଟି ହୋଇ ଯାଇପାରେ, ଏକଥା ମୁଁ ମନେମନେ ଭାବୁଥିଲି।

ଗାଡ଼ିର ଗତି ବଢ଼ିବାରେ ଲାଗିଲା। ଖିଡ଼ିକି ବାହାରେ କିଏ ଜାଣେ କ'ଣ ଅଛି! ସମ୍ଭବତଃ କିଏ ଏକ ଚିତ୍ତାକର୍ଷକ ଖେଳ ଖେଳାଉଛି। ବାହାରର ଦୃଶ୍ୟ କେବଳ କଳ୍ପନା କରାଯାଇପାରେ। ସହସା ଏହି ଭାବନାକୁ କୁଠାରାଘାତ କଲା ଜଣେ ଭଦ୍ରବ୍ୟକ୍ତିଙ୍କର ପ୍ରବେଶ ଓ ତାଙ୍କର ବକ୍ତବ୍ୟ। ଆପଣ ନିଶ୍ଚୟ ମୋତେ ଦେଖି ନିରାଶ ହୋଇ ପଡ଼ିଥିବେ, କାହିଁକି ନା ମୁଁ ଏବେ ଆକର୍ଷଣୀୟ ସହଯାତ୍ରୀ ହୋଇ ପାରିବିନି, ଯେମିତି ସେ ଝିଅଟା ଥିଲା। ଯିଏ ଏଇ ପଛ ଷ୍ଟେଶନରେ ଓହ୍ଲାଇଯାଇଛି। କ'ଣ ସିଏ ଭାରି ସୁନ୍ଦର– ମୁଁ ଭାବବିହ୍ୱଳ ହୋଇ କହି ପକାଇଲି– ଆପଣ କହିପାରିବେ ସେ ଝିଅଟିର କେଶ ଲମ୍ବା ଥିଲା ନା ଛୋଟ ଥିଲା। 'ମୋର ସେ ଦିଗକୁ ଲକ୍ଷ୍ୟ ନ ଥିଲା' ଭଦ୍ର ବ୍ୟକ୍ତି କହିଲେ। ସେ କେମିତି ଅପ୍ରସ୍ତୁତ ହେଇ ଉଠୁଥିଲେ। ତାଙ୍କର ଆଖି ଏତେ ସୁନ୍ଦର ଓ ଆକର୍ଷଣୀୟ ଥିଲାଯେ, ଯାହା ମୋର ଦୃଷ୍ଟି ଆକର୍ଷଣ କରିଥିଲା, କିନ୍ତୁ କେଶ ନୁହେଁ। ଏଡ଼େ ସୁନ୍ଦର ଆଖି ତାଙ୍କର ସତେ! କିନ୍ତୁ ତାଙ୍କ ପାଇଁ ସେଇ ଆଖି ଯୋଡ଼ିକ ବେକାର ଥିଲା। ସେଥିରେ ଜ୍ୟୋତି ନ ଥିଲା, ସେ ସମ୍ପୂର୍ଣ୍ଣ ଭାବରେ ଅନ୍ଧ ଥିଲେ। କ'ଣ ଆପଣ ତାଙ୍କୁ ଭଲ କରି ଦେଖି ନ ଥିଲେ ?

– ଇ/୫୦, ସେକ୍ଟର – ୭, ସିଡିଏ, କଟକ–୧୪

## ଅଣୁଗଳ୍ପ

### ରିସ୍ତା

ହୃଷୀକେଶ ପୁରୋହିତ

ରାସ୍ତାରେ ଚାଲୁଚାଲୁ ବର୍ଷା ସହିତ ଦେଖା ହୋଇଥିଲା ସେଦିନ। ସୂରୁଯ ବୁଡ଼ି ଯାଉଥିବା ବେଳ। କାକଳି ଡେଣା ଝାଡ଼ି ନୀଡ଼ ଅଭିମୁଖେ ଯାଉଥିବା ବେଳ। ଆଖି ଲାଖି ଯାଇ ଫେରି ହୃଦୟର ଚାରି କୋଣେ ବର୍ଷାରେ ଭିଜୁଥିବା ବର୍ଷାର ମୁହୂର୍ତ୍ତ। ଭାରି ସେ ଅମାନିଆ ମନ। ଆଙ୍କିଥିଲା ପ୍ରଥମରୁ ହିଁ ଗୋଟିଏ ରିସ୍ତାର ସ୍କେଚ୍। ଆଳୁ ଖୋଳୁଖୋଳୁ ସାରୁ ବାହାରିଲା ପରି ଏକ ପାର୍ଶଲ ବୋମା ବିସ୍ଫୋରଣ ଘଟାଇଲା ପାଟଣାଗଡ଼ ପରି ହୃଦୟରେ। ଏକାଥରକେ ଚୂରମାର୍ ହୋଇଗଲା ଗୋଟିଏ ରିସ୍ତାର ସୌଧ।

### ରାସ୍ତା

ଚାରିଛକିଆ ରାସ୍ତା। ସେଇଠୁ ଆରମ୍ଭ ହୋଇଛି ଚାରିଧାମକୁ, ଚାରିପାଦକୁ ଓ ଚାରିପଣକୁ। ଦୁଇ ପାଦ ନ ପୂରୁଣୁ ଖୋଜୁଥିଲା ନୀରବ ନୀରଦ ଦେହରେ ରିମ୍‌ଝିମ୍ ଜଳକଣା। ଆଖିରେ ଆଖିଏ ସ୍ୱପ୍ନ। ସେମାନେ ଖେଳଘରକୁ ଭାଙ୍ଗୁଥିଲେ ଅମାନୁଷିକ ଭାବେ। ନିରୀହ ଦୁଇପକ୍ଷୀର ବ୍ୟାକୁଳତା ଚୂରମାର୍ ହୋଇଗଲା। ଚାରିଆଖି ଅମେଳକ ରହିଗଲା। ଜୀବନର ଶେଷ ସତ୍ୟଟା ଦୁଇ ଧାମ ତୀର୍ଥାଟନ ପରେ ଅକାଳରେ ଚାଲିଗଲ। ସମସ୍ତଙ୍କ ପାଇଁ ଗୋଟିଏ ରାସ୍ତା। ହେଲେ କାହା ପାଇଁ ଆଗ ତ କାହା ପାଇଁ ପଛ!

### ନୀଳ ପରୀ

ସେମାନେ ହସୁଥିଲେ...

ରାତ୍ରିର ଦୁଇ ପ୍ରହର ମାତ୍ର। ହଠାତ୍ ଆକାଶରୁ ଝରାଫୁଲ ପରି ଆଲୋକ ରଶ୍ମି ଝରି ପଡୁଥିଲା। ସମସ୍ତେ ନୀରବ ପାଲଟିଗଲେ। ଚାରି ଅନ୍ତରଙ୍ଗ ମଧ୍ୟରେ ଯୋଡ଼ିଯୋଡ଼ି। ପର୍ବତଘେରା ଘଞ୍ଚ ବନାନୀ ମଧ୍ୟରେ ସେଇ ନୀଳ ଉପତ୍ୟକା। ସେମାନେ ଆସି ଯାଇଛନ୍ତି, ହେଲେ ଫେରିବାର ରାସ୍ତା ପାଉନାହାନ୍ତି ମଧ୍ୟରାତ୍ରରେ। ଉପତ୍ୟକାର ଦୁଇ ପାର୍ଶ୍ୱରେ କୁଟିଆ କନ୍ଧମାନଙ୍କର ଛୋଟଛୋଟ ଝାଟିମାଟିର ଘର। ଧନୁତୀର ଧରି ଘର ଆଗେ ବସିଥା'ନ୍ତି। ଜଗିଥା'ନ୍ତି ଆଶ୍ରିତ ଅତିଥିଙ୍କୁ। ଦେଖୁଥା'ନ୍ତି ଜାଗତିକ ଦୃଶ୍ୟ। ପ୍ରତିଦିନ ନୀଳ ପରୀଟିଏ ଓହ୍ଲାଇ ଆସେ ଆକାଶରୁ ନୀଳ ଉପତ୍ୟକାକୁ। ଖୋଜେ ଅତୀତ।

– ସମ୍ପାଦକ 'ଅକ୍ଷର', ପେଲେସ୍ ଲାଇନ୍, ବଲାଙ୍ଗୀର–୧



# କ ବି ତା

## ଅମୃତ ଅଭିସାର

କିଶୋର ମିଶ୍ର

ଯାହା ପାରୁଛ ନିଅ
ଏ ସବୁ ମୋର ନ ଥିଲା କେବେ।

ମୋର ତ' କେବଳ ଥିଲା
ଝରଣାର ପାପୁଲିରେ ରହି ପାରୁଥିବା
ଗୋଟାଏ ଥରଥର ଜହ୍ନ
କିଶୋରୀ ଲାଜର ମୃଦୁମୃଦୁ ଶିହରଣ
ଓ ଛାତିତଳର କମ୍ପନ।
ବର୍ଷା ପାଣିରେ ଭାସି ଆସୁଥିବା
କାଗଜ ଡଙ୍ଗାର ସ୍ୱପ୍ନିଳ ଆବେଗ
ଓ ନୀଳ ନିଶୀଥର ତନ୍ମୟ ଉଚ୍ଚାରଣ।।

ଯାହା ଅର୍ଜି ନ ଥିଲି ମୁଁ
ତା' ପାଇଁ ଏତେ ଲୋଭ କ'ଣ ?
ମୋର ଖାଲି ଲୋଭ ଥିଲା
କେତକୀ ସୁବାସରେ ଗୁନ୍ଥା ଗୋଟିଏ ରାତି
କାହା ନୀବିବନ୍ଧର ଅଥୟ ଆଲିଙ୍ଗନ
ଆଖି ତଳ ସୁରମାର ଗାଢ଼ ନିଦ
ଓ ମଉଆଲି ଓଠର
ଅସ୍ପଷ୍ଟ ଏକ ତିଳ ଚିହ୍ନ।।

ମୁଁ ମୋର କେବେ ବି ନ ଥିଲି
ଯାହା ଥିଲି ତୁମର ହିଁ ଥିଲି।
ଅଥଚ ତୁମେ ଏମିତି ଗୋଟେ ବିଗ୍ରହ
ଭାଙ୍ଗିଯାଉଛ ଚୂନାଚୂନା ହୋଇ
ମୋର ପ୍ରତ୍ୟେକ ସମ୍ବୋଧନରେ
ତାହା ହିଁ ତୁମ ଅମୃତ ଅଭିସାର।।
– ଚନ୍ଦ୍ରଚୂଡ଼ ରୋଡ଼, ବୌଦ୍ଧ

## ମଣିଷକୁ ଭଲପାଏ

ଅଜିତ ଦାଶ ମହାପାତ୍ର

ତୁମେ ତ ମଣିଷ
ମୁଁ ବି ମଣିଷ। ତଥାପି
ଆମ ଭିତରେ ଏତେ ତଫାତ୍ କାହିଁକି ?
ଜନ୍ମ ଓ ବିଦାୟ ନେବାର ପ୍ରକ୍ରିୟା
ସବୁ ମଣିଷଙ୍କର ପ୍ରାୟ ସମାନ। ତଥାପି
ମଣିଷ ମଣିଷ ଭିତରେ ଏତେ ଫରକ କାହିଁକି ?

ଜଣେ ରାଜା, କେଇଜଣ
ମନ୍ତ୍ରୀ, ସେନାପତି ଓ କଟୁଆଳ...
ବାକି ସମସ୍ତେ ପ୍ରଜା।
କିଛି ଲୋକ ଧନୀ
ଆଉ କିଛି ମଧ୍ୟବିତ୍ତ ଓ ନିମ୍ନବିତ୍ତ
ଆଉ, ବେଶୀ ଲୋକ ସବୁଠୁଁ ଗରିବ
ଏ କେମିତି କଥା ?

କାହା ବାହାଘର ହୁଏ ଇଟାଲୀରେ
ଧୁମ୍‌ଧାମ୍‌ରେ ତ ଆଉ କାହାର
ବାହାଘର ଭାଙ୍ଗିଯାଏ କିଛି ଟଙ୍କା ପାଇଁ
ଏକୋଇଶ ଲୋକ ରହିବା ପାଇଁ
ଗୋଟିଏ କୋଠରି, ଆଉ
ଜଣେ ଲୋକ ପାଇଁ
ଏକୋଇଶ କୋଠରି...
ଏ କେମିତି କଥା ?

ବସ୍ତି ଶେଷରେ ଥିବା
ନୁଆଁଣିଆ ଚାଳଘରେ ଜନ୍ମ ନେବା
କ'ଣ ମୋ' ନିଷ୍ପତ୍ତି ଥିଲା ?
କୌଣସି ରାଜା
ବା କୋଟିପତିଙ୍କ ବଂଶରେ ଜନ୍ମ ନ ନେବା
କ'ଣ ମୋ' ଅପରାଧ ?

ତୁମ ପାଖରେ ସବୁ ଅଛି
ଧନ, ଦୌଲତ କ୍ଷମତା ବି!
ତୁମେ କିଂତୁ ଭଲପାଇ ଶିଖିନ
ମଣିଷକୁ, ଯୋଉ ସିଂହାସନରେ ବସିଛ
ତା'କୁ ତିଆରିଥିବା ମଣିଷକୁ।

ମୁଠାଏ ଭାତ ପାଇଁ
କାଣିଚାଏ ଛାତ ପାଇଁ
ବକଟେ ଲୁଗା ପାଇଁ ସଂଘର୍ଷ କରୁଥିବା
ମୁଁ, କିଂତୁ ଭଲପାଏ ମଣିଷକୁ।।

– ନୂଆପଲ୍ଲୀ, ଭୁବନେଶ୍ୱର

### ଗୀତି–କବିତା

## ଜୀବନଗୀତି

ବିପ୍ଳବ

କେବେ ତୁ' କରିଛୁ ଲହୁଲୁହାଣ
କେବେ ଚଖେଇଛୁ ମହୁ,
କେବେ ବିନା ଦୋଷେ ଦୋଷୀ ତୁ' କରିଛୁ
ଛାତିରୁ ଝରିଛି ଲହୁ ।।

କେବେ ଦେଖେଇଛୁ ମିଛର ସପନ
ଭାଙ୍ଗି ମୋ' ମନ ଶାନ୍ତି,
କେବେ ତୁ ଜାଳିଛୁ ବିଦ୍ରୋହର ନିଆଁ
ଆଣିଛୁ ମନରେ କ୍ରାନ୍ତି ।।

କେବେ ପୁଣି ମୋତେ ଫଗୁଣ ରାତିରେ
ଦେଇଛୁ ନିଆଁର ଧାସ,
କେବେ ତ ସାଜିଛୁ ସାତପର ତୁହି
ପିଆଇଛୁ ମୋତେ ବିଷ ।।

ତେବେ ବି ଜୀବନ ଲାଗେ ମଧୁମୟ
ଚିତ୍ରିତ ପ୍ରଜାପତି,
ଅଫିମ ରାତିରେ ଆଶାର ଆଲୋକ
ମହମହ ଜହ୍ନରାତି ।।
– ମୁକୁନ୍ଦପୁର, ବାଙ୍କୀ

## ଅବସୋସ

ଶ୍ୟାମା କିଙ୍କର ମହାନ୍ତି

ଆଜି
ମୁଁ ଠିଆ ହୋଇଛି
ଚୁପ୍‌ଚାପ୍ ଅସହାୟ ଭାବେ
ମୋ' କୀର୍ତ୍ତିରାଜିର ଭଗ୍ନାଂଶ ଉପରେ,
ଯାହାକୁ ମୁଁ ଗଢ଼ିଥିଲି
ଅନେକ ବର୍ଷ ତଳେ...
ମୁଁ ଜାଣେନା
ହୃଦୟର ପ୍ରତି ଅଣୁ ଦେଇ
ଯାହା ତିଆରିଲି,
କାହିଁକି ମୁଁ ଭାଙ୍ଗିଦେଲି ତାକୁ
କେଇ ମୁହୂର୍ତ୍ତରେ !

ଆଜି
ମୁଁ ଗୋଟେ ତୃଷାର୍ତ୍ତ ପଥିକ
ଭରାନଈ ଆଖି ଆଗେ
ପାଣିଟୋପେ ପିଇ ପାରୁନାହିଁ,
ମୁଁ ଦୁଷ୍ଟ ଜହ୍ନ
ଆଖିରେ ଫଗୁଣ
ନୀଳକଇଁ ହାତପାହାନ୍ତାରେ
ଅଥଚ ମୁଁ ଛୁଇଁ ପାରୁନାହିଁ।

– ନୀଳାଚଳ ଇସ୍ପାତ ନିଗମ, ଡୁବୁରୀ, ଯାଜପୁର

## ହଜିବା ବେଳ

ଡ. ଅଚ୍ୟୁତାନନ୍ଦ ନାୟକ

ଘରଚଟିଆଙ୍କ ଚେଁ ଚାଁ
ଆଗଭଳି ଶୁଣାଯାଉ ନାହିଁ
ଦେଉଳି ପାରା
ଯିବାଆସିବା କମେଇ ଦେଲେଣି,
ତାଙ୍କ ପାଇଁ ଝୁଲା ଯାଇଥିବା
ଝୁଡ଼ି ଦୁଇଟି ଖାଲି ପଡ଼ିଛି।

ଏବେ ସମୟଟା କେମିତି
ଅଲଗା ଲାଗୁଛି
ସତେ ଅବା ଜୀବନର ସବୁଜ ଫସଲ
ଉଜୁଡ଼ି ଯାଇଛି।।
– ଶ୍ୟାମରାୟପୁର, ଭଦ୍ରକ



## ଜାତକ କବିତା

ପୁରୁଷୋତ୍ତମ ମହାପାତ୍ର

ଫାଶରେ ଫସିଥିବା ମଣିଷଟି
ଜାଣେ, ଟାଣ ଅଟାଣ
କେତେ ଜୀବନ ଡୋରି !
ଜୀବନ ଆଗରେ ଠିଆ
ପ୍ରତି କ୍ଷେତ୍ରେ ପ୍ରତିଟି ମୁହୂର୍ତ୍ତେ
ଦୁଃଖସବୁ ଏକାକାର କରି
ତା' ଟାଣପଣ କେବେ ଭାଙ୍ଗିନି, ବରଂ
ଭରିଯାଇଛି ସହୃଦୟତାରେ !

ଆମେ ମଣିଷ,
ଜୀବନକୁ ଜାଣିବା
ପାର ହୋଇ ସାତନଦୀ, ସାତ ସମୁଦ୍ର
ଜିଇବା ସାତଜନ୍ମ
ସୃଜନର ଲେଖନୀ ତୋଳି ଧରିବା !

ଏତିକି କ'ଣ ସହଜ !
ବୁଡ଼ିବାକୁ ହେବ ଗଭୀରରୁ ଗଭୀରତାରେ
ଖୋଜିବାକୁ ହେବ ମୁକ୍ତା
ବାଣ୍ଟିବାକୁ ହେବ ବାର୍ତ୍ତା
ଅନାଗତର !
ସୃଜନର ଆମନ୍ତ୍ରଣ
ଦୁଃଖକୁ ଯାତନାକୁ
ଯାହା ଜୀବନକୁ ଚିହ୍ନାଏ
ପ୍ରାଞ୍ଜ କରେ !!
– ଗୋପାଳପୁର ଶାସନ, ବାଣପୁର, ଖୋରଧା




# ପାଠାଗାର ମୋ' ସୃଜନର ଆଖଡ଼ାଶାଳ



ରଞ୍ଜନ କୁମାର ଜେନା

ରଞ୍ଜନ କୁମାର ଜେନାଙ୍କ ଜନ୍ମ ୧୯୬୫ରେ, କଟକ ଜିଲା ଆଠଗଡ଼ ଉପଖଣ୍ଡ ଅନ୍ତର୍ଗତ ହେମମାଳପୁର ଗାଁରେ। ରାଜନୀତି ବିଜ୍ଞାନରେ ଏମ୍.ଏ. ପାସ୍ କରି ଖୁଣ୍ଟୁଣୀସ୍ଥ ରାଧାନାଥ ରଥ ବିଜ୍ଞାନ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ ବୃତ୍ତି ଜୀବନ ଆରମ୍ଭ। ପରେପରେ ବିଦ୍ୟୁତ୍ ବିଭାଗ 'ସେସୁ'ରେ ଯୋଗଦେଇ ଜଣେ ବରିଷ୍ଠ କର୍ମଚାରୀ ରୂପେ ଏବେ କଟକରେ ଅବସ୍ଥାପିତ।


ଛାତ୍ରାବସ୍ଥାରେ ମୋର ସାହିତ୍ୟ ପ୍ରତି ଥିଲା ଅନୁରାଗ। ପତ୍ରପତ୍ରିକା କିଣି ପଢ଼ିବା ଏକରକମ ଅଭ୍ୟାସ ହୋଇଯାଇଥିଲା। ୧୯୮୩ ମସିହାରେ ମୁଁ ସେତେବେଳେ ଆଠଗଡ଼ସ୍ଥିତ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ର। କଲେଜ ମୁଖପତ୍ର 'ଉତ୍କଳମଣି' ପାଇଁ ଲେଖା ଆହ୍ୱାନ ହେଉଥାଏ। ତେଣୁ ଯଥାଶୀଘ୍ର 'ଜାତୀୟ ସଂହତି' ଉପରେ ପ୍ରବନ୍ଧଟିଏ ଦେଇଦେଲି। ଏହା ମଧ୍ୟ ମନୋନୀତ ହୋଇ ପ୍ରକାଶ ପାଇଲା। ଏହା ମୋତେ ଏତେ ଉତ୍ସାହିତ ଆଉ ଆନନ୍ଦିତ କରିଥିଲା ଯେ ତାହା ଅବର୍ଣ୍ଣନୀୟ। ସେହି ଅନୁଭବ ମୋତେ ପରବର୍ତ୍ତୀ କାଳରେ ଉତ୍ସାହିତ କରିଛି। ଆମ ଆଠଗଡ଼ରୁ ପ୍ରକାଶିତ 'ସ୍ମରଣିକା' ଶୀର୍ଷକ ପୁସ୍ତକରେ ମୁଁ ଦୁଇଜଣ ସଂଗ୍ରାମୀଙ୍କ ଜୀବନ ଗାଥାକୁ ଲେଖି ପ୍ରଶଂସିତ ହୋଇଛି। ଏ ସବୁ ସାରସ୍ୱତ ସ୍ୱୀକୃତି ମୋତେ ଆଗକୁ ଆଗେଇବାରେ ସାହାଯ୍ୟ କରୁଛି। ମୋର ସାରସ୍ୱତ ଧାରାକୁ ଆଗେଇ ନେବାରେ ମୋର ବନ୍ଧୁ ସୁରେଶ ପ୍ରଧାନଙ୍କ ଉତ୍ସାହ ସର୍ବଦା ସ୍ମରଣୀୟ। ବାଗ୍‌ଦେବୀଙ୍କ କୃପା ହେଲେ ପୁସ୍ତକଟିଏ ପ୍ରକାଶ ପାଇବ। 'ସୃଜନ' ପ୍ରତିଭା ନିର୍ଭର, ଏକଥା ସବୁ ଲେଖକଙ୍କ ପରି ମୁଁ ବି ଜାଣେ। ଭଲ ଲେଖକଟିଏ ହେବା ପାଇଁ ଅଧ୍ୟୟନ ଜରୁରୀ। ପଠନ ଉପଯୋଗୀ ବହିକୁ ହାତପାହାନ୍ତାରେ ପାଇବା ଲକ୍ଷ୍ୟରେ ମୁଁ ମୋ' ନିଜ ଘରେ ଏକ ଛୋଟ ପାଠାଗାର କରିଛି। ଏହି ପାଠଗାର ହେଉଛି ମୋ' ସୃଜନର ଆଖଡ଼ାଶାଳ। ଏକଲବ୍ୟଙ୍କ ପରି ଏଇଠି ବସି ମୁଁ ମୋର ସୃଜନ କର୍ମରେ ଲିପ୍ତ ରହେ। ମୋର ପ୍ରଥମ ଲେଖା 'ଜାତୀୟ ସଂହତି', ଯାହା ଖୁବ୍ ସାମାନ୍ୟ। କିନ୍ତୁ ଏଇ ପ୍ରଥମ ଲେଖା ଯେ ମୋ' ଜୀବନକୁ ସାରସ୍ୱତ-ସଂହତି ଆଡ଼କୁ ଆଗେଇ ନେବ, ଏ ବିଶ୍ୱାସ ମୋର ରହିଛି।



## ପୁସ୍ତକ ପରିଚୟ

### ତଥାପି ଈଶ୍ୱର


**ଲେଖକ: ପ୍ରକାଶ ତ୍ରିପାଠୀ**
**ପ୍ରକାଶକ: ପଶ୍ଚିମା ପବ୍ଲିକେଶନ୍ସ, ନୂଆପଲ୍ଲୀ, ଭୁବନେଶ୍ୱର-୧୨**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୧୨୦/-**




ମୋଟ ୩୮ଟି ଆଲେଖ୍ୟକୁ ନେଇ 'ତଥାପି ଈଶ୍ୱର' ଆଲୋଚନାଗ୍ରନ୍ଥ ପରିକଳ୍ପିତ। ପ୍ରଚ୍ଛଦଲେଖରେ କୁହାଯାଇଛି ଯେ ଏହା ଲେଖକଙ୍କର ତୃତୀୟ ଆଲୋଚନା ଗ୍ରନ୍ଥ। ଲେଖାଗୁଡ଼ିକ ବିଭିନ୍ନ ସାମାଜିକ ସମସ୍ୟା ଓ ଘଟଣାବଳୀର ବିଶ୍ଳେଷଣ ଉପରେ ଆଧାରିତ। ଆଲେଖ୍ୟ ଶେଷରେ ରଚନା ତାରିଖ ସୂଚିତ ହୋଇଛି ବୋଲି 'ନିଜକଥା'ରେ ଲେଖକ ପ୍ରକାଶ କରିଥିଲେ ବି ଦ୍ୱିତୀୟ ଚିନ୍ତନ କିମ୍ବା ପ୍ରକାଶକଙ୍କ ଅପସନ୍ଦ କାରଣରୁ ତାହା ହୋଇନାହିଁ। ଯେହେତୁ ଗ୍ରନ୍ଥର ଲେଖାଗୁଡ଼ିକ ତାତ୍କାଳିକ ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଘଟଣା ଆଧାରିତ, ପାଠକେ ଏଗୁଡ଼ିକର ପଠନବେଳେ ସମୟ ପ୍ରତି ଧ୍ୟାନ ଦେବା ଉଚିତ ହେବ। ବହିଟିରେ ସ୍ଥାନିତ ଲେଖାଗୁଡ଼ିକର ବିଶେଷତ୍ୱ ଏହି ଯେ ଏଥିରେ ଘଟିତ ପ୍ରସଙ୍ଗର କେବଳ ବର୍ଣ୍ଣନା କରାଯାଇନାହିଁ, ଏଥିରେ ଲେଖକଙ୍କ ମୌଳିକ ବିଚାରବୋଧ ରୂପ ଘେନିଛି। ଭଲ ଆଲେଖ୍ୟ ବା ସ୍ତମ୍ଭଲେଖ ତାହା, ଯହିଁରେ ଏହି ପ୍ରାପ୍ୟଟି ପାଠିକାପାଠକଙ୍କ ପାଇଁ ମହଜୁଦ ଥାଏ। ବହିଟିର ବିପୁଳ ଆଦୃତି ଆମର କାମନା।

### ଉତ୍ତପ୍ତ ପୃଥିବୀ ଅଭିଶପ୍ତ ମଣିଷ


**ଲେଖକ: ଅମୂଲ୍ୟ କୁମାର ପଣ୍ଡା**
**ପ୍ରକାଶକ: ଦି ବୁକ୍ ପଏଣ୍ଟ, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର**
**ଦ୍ୱିତୀୟ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୮୯/-**




ଲୋକପ୍ରିୟ ବିଜ୍ଞାନ ରଚନାରେ ସିଦ୍ଧହସ୍ତ ପ୍ରଫେସର ଅମୂଲ୍ୟ କୁମାର ପଣ୍ଡାଙ୍କର ଏହି ବହିଟିରେ ରହିଛି ଆଠଟି ଅଧ୍ୟାୟ ଏବଂ ସବୁଯାକ ଅଧ୍ୟାୟ ମୁଖ୍ୟତଃ ପରିବେଶ ଓ ପ୍ରକୃତିକୁ ନେଇ। 'ଏ ଲେଖା କାହିଁକି'ରେ ଲେଖକ ଲେଖିଛନ୍ତି: ''ଅନେକ ବର୍ଷର ଅଧ୍ୟୟନ ଓ ଅଧ୍ୟାପନା, ବିଭିନ୍ନ ସଭାସମିତି ଓ ପାଠଚକ୍ରରେ ଆଲୋଚନା, ଛାତ୍ରୀଛାତ୍ର ଓ ସହକର୍ମୀ ବନ୍ଧୁମାନଙ୍କ ସହ କଥାବାର୍ତ୍ତା x x ଭାରତୀୟ ସଂସ୍କୃତି ଓ ସଂସ୍କାର, ମୂଲ୍ୟବୋଧ ଓ ପରମ୍ପରା, ଜୀବନଶୈଳୀ ଓ ଜୀବନଚର୍ଯ୍ୟା, ବେଦ ପୁରାଣ ଆଦିରୁ ଆମକୁ ମିଳୁଥିବା ଶିକ୍ଷା ଉପରେ ମୋର ବିଶ୍ୱାସ ତଥା ନିଜସ୍ୱ ଅନୁଭବ- ଏ ସବୁର ରୂପ ନେଇଛି ଏ ଲେଖା।'' ପ୍ରକୃତି, ପରିବେଶ ଓ ଜୀବଜଗତ ସହ ମଣିଷର ସମ୍ପର୍କରେ ଦିନକୁଦିନ ବୃଦ୍ଧି ପାଉଥିବା ଅସନ୍ତୁଳନ, ଜନସଂଖ୍ୟାର ଅବିଚାରିତ ବିସ୍ଫୋରଣ, ଅବାଞ୍ଛିତ ଆକାଂକ୍ଷାର ପୂର୍ତ୍ତି ପାଇଁ ପ୍ରକୃତିର ମାତ୍ରାତିରିକ୍ତ ଦୋହନ, ବିଶ୍ୱ ତାପମାତ୍ରାରେ ବୃଦ୍ଧି, ପାଣିପାଗରେ ବିସ୍ମୟକର ପରିବର୍ତ୍ତନ ଆଦି ଯୋଗୁଁ ଏ ମଣିଷ ଜାତି କିପରି ଏ ପୃଥିବୀ ରୂପକ ଗ୍ରହକୁ ଜୀବଜଗତ ଅନୁପଯୋଗୀ କରିସାରିଲାଣି- ଏସବୁର ବୈଜ୍ଞାନିକ ଅନୁଧ୍ୟାନ ଗ୍ରନ୍ଥଟିର ପ୍ରତ୍ୟେକଟି ଅଧ୍ୟାୟରେ କରାଯାଇଛି। ପଢ଼ିଲେ ଲାଗିବ ଏହା ବିଜ୍ଞାନ ହେଲେ ବି କମ୍ ସାହିତ୍ୟ ନୁହେଁ। ଅଷ୍ଟମ ଅଧ୍ୟାୟରେ ସ୍ଥାନିତ 'ଅଭିଶପ୍ତ ମଣିଷ', ଏହାର 'ପ୍ରଥମ ପୃଷ୍ଠା' ବା ଉପସଂହାର- ପ୍ରତ୍ୟେକଟିରେ ମନେହୁଏ 'ବିଜ୍ଞାନ' କଥା କହିଛି 'ସାହିତ୍ୟ'ରେ। ବହିଟି ଯେତିକି ଶିକ୍ଷଣୀୟ ତତୋଽଧିକ ସୁଖପାଠ୍ୟ ବି!

### ସାହିତ୍ୟ ସ୍ରୋତସ୍ୱିନୀ

**ଲେଖକ: ଡ. ଦେବାଶିଷ ପାତ୍ର**
**ପ୍ରକାଶକ: ସତ୍ୟ ନାରାୟଣ ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ-୨**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ. ୨୬୮/-**




'ସାହିତ୍ୟ ସ୍ରୋତସ୍ୱିନୀ' ବୃହତ୍ତର ଛାତ୍ର ସମାଜ ପାଇଁ ଉଦ୍ଦିଷ୍ଟ ସାହିତ୍ୟ ସମ୍ପର୍କିତ ଏକ ଗ୍ରନ୍ଥ ବୋଲି ଲେଖକ 'ଅଗ୍ରଲେଖ'ରେ କହିଛନ୍ତି। ଆହୁରି କହିଛନ୍ତି ଯେ, ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ଏହି ଭାଷାର କ୍ରମବର୍ଦ୍ଧମାନ ଚାହିଦା ପୂରଣ ତଥା ବିଭିନ୍ନ ରାଜ୍ୟ ଓ ଜାତୀୟ ସ୍ତରର ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଏହି ପୁସ୍ତକଟି ପରିକଳ୍ପିତ। ଏଥିରେ ୪ଟି ଅଧ୍ୟାୟ ରହିଛି। ପ୍ରଥମ ଅଧ୍ୟାୟରେ 'ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ', ଦ୍ୱିତୀୟ ଅଧ୍ୟାୟରେ 'ସାହିତ୍ୟର ସାମାନ୍ୟ କଥନ', ତୃତୀୟ ଅଧ୍ୟାୟରେ 'ସଂକ୍ଷିପ୍ତ ପ୍ରଶ୍ନୋତ୍ତର' ଓ ଚତୁର୍ଥ ଅଧ୍ୟାୟରେ 'ପୁରସ୍କାର ଓ ସମ୍ମାନ' ଆଦି ବିଷୟରେ ଚର୍ଚ୍ଚା କରାଯାଇଛି। କିନ୍ତୁ କଳେବର ବୃଦ୍ଧି ଭୟରୁ ହେଉ ବା ଲେଖକଙ୍କର ନିଜସ୍ୱ ସମୟାଭାବ କାରଣରୁ ହେଉ, 'ଓଡ଼ିଆ ସାହିତ୍ୟର ଇତିହାସ' ସମ୍ପର୍କୀୟ ସୂଚନା ଖୁବ୍ ଖାପଛଡ଼ା ଓ ଅକୁଳାଣ ହୋଇପଡ଼ିଛି। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା ସଚ୍ଚିଦାନନ୍ଦ, ଗୁରୁପ୍ରସାଦ, ଭାନୁଜୀ, ରମାକାନ୍ତ ଓ ସୀତାକାନ୍ତଙ୍କଠାରେ ସରିଯାଇଛି। ଏ କି ପ୍ରକାର ଇତିହାସ ଓ ଏହି ବହି ପଢ଼ି ରାଜ୍ୟ ବା ଜାତୀୟ ସ୍ତରର ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀମାନେ କିପରି ଉପକୃତ ହେବେ ବୁଝିହୁଏ ନାହିଁ। ବହିଟିର ପ୍ରୁଫ୍ ଭଲ ଭାବେ ଦେଖାଯାଇ ନାହିଁ। 'ଶୂନ୍ୟକାଳ' ଉପନ୍ୟାସର ସ୍ରଷ୍ଟା ସତ୍ୟପ୍ରିୟ ମହାଳିକ ସ୍ଥାନରେ ଲେଖାଅଛି ସତ୍ୟପ୍ରିୟ ମହାକବି (ପୃ:୨୨୪)। 'ସୁନ୍ଦରେ ତୃପ୍ତିର ଅବସାଦ ନାହିଁ' (ରାଧାନାଥ)ଙ୍କ ପରିବର୍ତ୍ତେ ଲେଖାଯାଇଛି 'ସୁନ୍ଦର ତୃପ୍ତିର ଅବସାଦ ନାହିଁ' (ପୃ: ୧୮୨)। କମଳାକାନ୍ତ ପଣ୍ଡା 'କଳ୍ପାନ୍ତ' ଭାବେ ଜଣାଶୁଣା, କିନ୍ତୁ ଆଲୋଚ୍ୟ ଗ୍ରନ୍ଥରେ ମୁଦ୍ରିତ ହୋଇଛି 'କଳ୍ପନା' (ପୃ: ୨୧୦)। ନିରେଖି ପଢ଼ିଲେ ହୁଏତ ଏହିପରି ଅନେକ ଭୁଲ ବାହାରିବ। ଏପରି ଦାୟିତ୍ୱହୀନତାର ଦାୟ କାହା ଉପରେ ଲଦାଯିବ? ଲେଖକ ନା ପ୍ରକାଶକ ନା ଡିଟିପି ଅପରେଟର?

### ପରିବେଶ ପଞ୍ଚାମୃତ


**ଲେଖକ: ଡ. ବିଜୟ କେତନ ପଟ୍ଟନାୟକ**
**ପ୍ରକାଶକ: ଅପୂର୍ବା, ଖାରବେଳନଗର, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୧୬୦/-**




'ପରିବେଶ ପଞ୍ଚାମୃତ' ପରିବେଶ ସମ୍ପର୍କୀୟ ଏକ ଅତି ଉପାଦେୟ ପୁସ୍ତକ, ଯାହାକୁ ପଢ଼ିଲେ ବହିଟି ଖୁବ୍ ଯତ୍ନର ସହ ଲେଖାଯାଇଛି ବୋଲି ଧାରଣା ଜନ୍ମେ। 'ଅବତରଣିକା'ରେ ଲେଖକ କହିଛନ୍ତି: ''ଦୁଧ, ଦହି, ଘିଅ, ମହୁ ଓ ଶର୍କରା ଆଦି ପାଞ୍ଚଟି ଅମୃତର ମିଶ୍ରଣକୁ 'ପଞ୍ଚାମୃତ' କୁହାଯାଏ। ସେହିପରି ପାଞ୍ଚଗୋଟି ଉପାଦାନର ସମାହାରକୁ ନେଇ 'ପରିବେଶ ପଞ୍ଚାମୃତ'ର ପରିକଳ୍ପନା। ସେହି ପାଞ୍ଚଟି ଉପାଦାନ ହେଲା ମାଟି, ପାଣି, ପବନ, ଉଦ୍ଭିଦଜଗତ ଓ ଜୀବଜଗତ।'' ଏଥିରେ ୫୦ଟି ପ୍ରସଙ୍ଗ ଅଛି, ଯହିଁରେ ଅନ୍ତର୍ଭୁକ୍ତ କ୍ରମକ୍ଷୟମାଣ ପରିବେଶର ସ୍ଥିତି କଳନା ଓ ଏଥିପ୍ରତି ସତର୍କ ରହିବାର ଚେତାବନୀ। ଲେଖାଗୁଡ଼ିକୁ ରସାଳ କରିବା ପାଇଁ ମଝିରେ ମଝିରେ ସାହିତ୍ୟରୁ ପ୍ରସଙ୍ଗ ଉପଯୋଗୀ ଉଦ୍ଧୃତିର ଉଲ୍ଲେଖ ଲେଖକ କରିଛନ୍ତି। 'ହଜିଗଲେଣି ପକ୍ଷୀ, ନୀରବି ଗଲାଣି କାକଳି'ରେ କବି ବ୍ରହ୍ମାନନ୍ଦ ଦାସଙ୍କ 'ପକ୍ଷୀ ମେଳଣ' କବିତା, 'ମାଟି-ମା'ରେ ରାଧାମୋହନ ଗଡ଼ନାୟକଙ୍କ 'ମାଟି' କବିତା ଓ 'ଇତି ପରିବେଶ ପଞ୍ଚାମୃତ'ରେ Joyce Kilmerଙ୍କ ଲେଖା (ସୁନ୍ଦର କବିତା ସହ ଗଛର ତୁଳନା)ରୁ ଉଦ୍ଧୃତି ପ୍ରଦାନ ଏହି ପ୍ରସଙ୍ଗରେ କେତୋଟି ଦୃଷ୍ଟାନ୍ତ। ଗ୍ରନ୍ଥାରମ୍ଭରେ ଥିବା 'ହଜିଗଲେ ଘରଚଟିଆ'ର ଶେଷ ପଙ୍କ୍ତି ''କେବେଠୁ ହଜିଯାଇଥିଲା/ମୋ' ପିଲାଦିନ,/ ଏବେ ପିଲାଦିନର କୁନିସାଥୀ/ ଘରଚଟିଆ ବି ହଜିଗଲେ!'' ମନେହୁଏ ଯେପରି ଚରମ ଅସ୍ୱସ୍ତି ଓ ଅସହାୟତାର ଏକ ଦୀର୍ଘଶ୍ୱାସ। ବହିଟିର ବହୁଳ ପ୍ରସାର ଆମ ପ୍ରତ୍ୟେକଙ୍କ ପାଇଁ ଲାଭଦାୟକ ହେବ।

### ରାଜ୍ ତରଙ୍ଗିଣୀ

**ଲେଖକ: କୁଞ୍ଜ ବିହାରୀ ପାଢ଼ୀ**
**ପ୍ରକାଶକ: ଲିପିକା, ଜଟଣୀ, ପୁରୀ-୫୦**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୨୦୦/-**




'ରାଜ୍ ତରଙ୍ଗିଣୀ' କୁଞ୍ଜବିହାରୀଙ୍କର ପଞ୍ଚମ ଉପନ୍ୟାସ ଓ ଏହାର କାହାଣୀ କାଳ୍ପନିକ। ବିଷୟବସ୍ତୁ ଓ ଚରିତ୍ର ଚିତ୍ରଣ ସାମ୍ପ୍ରତିକ ସମାଜରେ ଘଟୁଥିବା ଘଟଣାବଳୀକୁ ନେଇ ଗତିଶୀଳ। ଆଧୁନିକ ସମାଜ ଓ ସମୟରେ ଜୀବନନିର୍ବାହ କରୁଥିବା ଯୁବତୀଯୁବକଙ୍କ ମନସ୍ତତ୍ତ୍ୱ ଓ ଜୀବନଧାରଣର ଶୈଳୀ ହେଉଛି ଉପନ୍ୟାସର ଆଧାର। ଏଥିରେ ପ୍ରେମ ଅଛି, ବିଷାଦ ଅଛି, ହିଂସା ଅଛି ଓ ଅଛି ବି କରୁଣା। କିନ୍ତୁ ଏସବୁ ଲେଖକଙ୍କ ଭାଷାର ସରଳ ନିର୍ଝରିଣୀରେ ଅଳୀକ ବୁଦ୍‌ବୁଦ୍‌ପରି ଭାସିଭାସି ଯାଉଛନ୍ତି। ସାଧାରଣ ପାଠିକାପାଠକଙ୍କ ଅବସର ବିନୋଦନ ପାଇଁ ବହିଟିରେ ଯେଉଁ ସମ୍ବଳ ରହିଛି, ତାହା ଲେଖକଙ୍କ ଜୀବନାନୁଭୂତି ଓ ଭାଷା ଶୁଶ୍ରୂଷାର ଯେ ପରିଣତି, ଏହାକୁ ଅସ୍ୱୀକାର କରି ହେବନି। ଗୋଟିଏ ଉପନ୍ୟାସ ସେତିକିବେଳେ ଲୋକପ୍ରିୟ ହୁଏ, ଯେତେବେଳେ ତା'ର ଲେଖକ 'ବଡ଼କୁହା' ହୋଇ ନ ଥାଏ। 'ରାଜ୍ ତରଙ୍ଗିଣୀ'ର ଲେଖକ 'ସାନକୁହା' ଓ ଏହି କାରଣରୁ ଉପନ୍ୟାସଟି ସମାଜରେ ବଞ୍ଚିଥିବା ସବା ତଳ ପାହାଚର ଲୋକଟି ପାଇଁ ବି ବେଶ୍ ଅର୍ଥ ରଖେ।